## ସଂକ୍ଷେପରେ

### ପୁଟୁଳି ବୈଶ୍ୟ ସମାଜର ବାର୍ଷିକ ଉତ୍ସବ

ଚଣ୍ଡିଖୋଲ,୧।୩(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଶାଳପଡ଼ା ପଞ୍ଚାୟତର ଖରମଙ୍ଗିଠାରେ ଲକ୍ଷ୍ମୀନାରାୟଣ ପୁଟୁଳି ବୈଶ୍ୟ ସମାଜ ସୁଙ୍ଗୁଡ଼ା ଥାନର ୪୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଭାପତି ନିମାଇଁ ଚରଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବରେ କେନ୍ଦୁପାଟଣା ମଣ୍ଡଳ ସଭାପତି ରଶ୍ମିକାନ୍ତ ସାହୁ ଯୋଗଦେଇ ଜାତିର ଉନ୍ନତି ପାଇଁ ସଂଗଠନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପସଭାପତି ଗୋବର୍ଦ୍ଧନ ନାୟକ, ସମ୍ପାଦକ ସନ୍ତୋଷ କୁମାର ସାହୁ ଓ ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଲକ୍ଷ୍ମୀନାରାୟଣଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। କ୍ଷୀରୋଦ ଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ସୁଙ୍ଗୁଡ଼ା ଥାନର ସମ୍ପାଦକ ନୀଳମଣି ପୃଷ୍ଟି ସମ୍ପାଦକୀୟ ବିବରଣୀ ପାଠ କରିବା ସହ ଗତ ବର୍ଷର ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ବୀଣାକର ମହାନ୍ତି ଧନ୍ୟବାଦ ଦେଇଥିଲେ।

### ବନ୍ଦାଳୋ ପଞ୍ଚାୟତରେ ଭତ୍ତା ପାଇବାରେ ସମସ୍ୟା

ବଡ଼ଚଣା,୧।୩(ଦିଲୀପ କୁମାର ମହାନ୍ତି)

ବଡ଼ଚଣା ବ୍ଲକ ଅନ୍ତର୍ଗତ ବନ୍ଦାଳୋ ପଞ୍ଚାୟତରେ ହିତାଧିକାରୀ ଭତ୍ତା ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୧୬ ନଂ. ଜାତୀୟ ରାଜପଥ କଡ଼ରେ ଅବସ୍ଥାପିତ ଏହି ପଞ୍ଚାୟତ କାର୍ଯ୍ୟାଳୟକୁ ଜାତୀୟ ରାଜପଥ ୨ ଭାଗରେ ବିଭକ୍ତ କରିଛି। ରାଜପଥର ଗୋଟିଏ ପାର୍ଶ୍ୱରେ ବନ୍ଦାଳୋ, ଓଲର, ସତରଣ୍ଡା ଓ ଗଣାଷ ଗ୍ରାମ ରହିଥିବାବେଳେ ଅପର ପାର୍ଶ୍ୱରେ ହାଟକରନ୍ଦା, ଡିଅକରନ୍ଦା ଓ ଜଗନ୍ନାଥପୁର ଗ୍ରାମ ରହିଛି। ହିତାଧିକାରୀଙ୍କୁ ଭତ୍ତା ନେବାକୁ ରାଜପଥ ପାର ହୋଇ ଆସିବାକୁ ପଡ଼େ। ପ୍ରତି ମାସରେ ପିଇଓ ନୈନିକା ଟିଯୁ ଇଚ୍ଛା ମୁତାବକ ଭତ୍ତା ବାଣ୍ଟିବା ପାଇଁ ସମୟ ନେଉଛନ୍ତି। ଗୋଟିଏ ଦିନ ଭତ୍ତା ବାଣ୍ଟିବା ପରେ ଅନ୍ୟଦିନ ଆସୁନାହାନ୍ତି। ଗୋଟିଏ ଦିନରେ ସମସ୍ତ ହିତାଧିକାରୀ ଭତ୍ତା ନେବା ସମ୍ଭବ ହେଉ ନ ଥିବାରୁ ଅବଶିଷ୍ଟ ହିତାଧିକାରୀ ପର ଦିନ ଭତ୍ତା ନେବାକୁ ଆସି ପଞ୍ଚାୟତ କାର୍ଯ୍ୟାଳୟରେ ପିଇଓଙ୍କୁ ଅପେକ୍ଷା କରି ହତାଶ ହୋଇ ଫେରୁଛନ୍ତି। ପୁଣି ୨/୩ ଦିନ ପରେ ପିଇଓ ହଠାତ କାର୍ଯ୍ୟାଳୟରେ ପହଞ୍ଚି ଭତ୍ତା ନେବାପାଇଁ କହୁଛନ୍ତି। ଫଳରେ ଯେତିକି ହିତାଧିକାରୀ ଖବରପାଇଲେ ସେତିକି ଆସି ନିଅନ୍ତି ଓ ବହୁ ହିତାଧିକାରୀ ବାଦ ପଡିଯାନ୍ତି। ପ୍ରତି ମାସର ଭତ୍ତା ଦେବା ସମୟରେ ଏହିପରି ପରିସ୍ଥିତି ସୃଷ୍ଟି ହେଉଛି। ବହୁ ହିତାଧିକାରୀ ପ୍ରତି ମାସରେ ଏଭଳି ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଣୁ ବ୍ଲକ୍ ପ୍ରଶାସନ ଏଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ସମ୍ପର୍କରେ ସମ୍ପୃକ୍ତ ପିଇଓଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ବ୍ୟାସନଗର ପୌରାଞ୍ଚଳରେ ପାନୀୟ ଜଳ ଅଭାବ

## ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ଯାଜପୁରରୋଡ୍,୧।୩(ପବିତ୍ର ରଞ୍ଜନ ମହାନ୍ତି)



ଜଳସଙ୍କଟ ସମସ୍ୟା ନେଇ ଅନୁଷ୍ଠିତ ବୈଠକରେ ଉପସ୍ଥିତ କଂଗ୍ରେସ ନେତା ଓ ଅନ୍ୟମାନେ।

ଗ୍ରୀଷ୍ମଋତୁ ଆଗମନ ପୂର୍ବରୁ ବ୍ୟାସନଗର ସହରରେ ପାନୀୟ ଜଳ ଅଭାବ ଦେଖାଦେଇଛି। ୱାଟ୍‌କୋ ସହରବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାରେ ବିଫଳ ହୋଇଥିବା ଅଭିଯୋଗ ହୋଇଛି। ପୌରାଞ୍ଚଳରେ ଥିବା ୨୬ ୱାର୍ଡ ମଧ୍ୟରୁ ୧୧ରୁ ଊର୍ଦ୍ଧ୍ୱ ୱାର୍ଡରେ ଏହି ସମସ୍ୟା ଲାଗିରହିଛି। ଏ ସମ୍ପର୍କରେ ପୌର ପରିଷଦ ଓ ୱାଟ୍‌କୋକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସେହିପରି ନୂତନ ସଂଯୋଗ ପାଇଁ ଆବେଦନ କରିଥିବା ଉପଭୋକ୍ତାଙ୍କୁ ପାଣି ସଂଯୋଗ ନ ଦେଇ ବିଲ ପୈଠ କରିବାକୁ ବାଧ କରାଯାଉଛି।

ବିଭାଗ ବିଭିନ୍ନ ପଏଣ୍ଟରେ ଚାବି ବ୍ୟବସ୍ଥାରେ ତ୍ରୁଟି କରିବା ଯୋଗୁ ଜଳ ସଙ୍କଟ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଗତ ଗୁରୁବାର ୱାର୍ଡବାସୀଙ୍କ ଜଳ ସଙ୍କଟ ଦୂର ପାଇଁ କଂଗ୍ରେସ ନେତା ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସିପିଏମ୍ ନେତା ପ୍ରଫୁଲ୍ଲ ନାୟକ, ମହିନ୍ଦ୍ର ମହାପାତ୍ର, ସତ୍ୟାନନ୍ଦ କାଣ୍ଡି, ସନ୍ତୋଷ ବରାଳ, ପରିକ୍ଷିତ ମଳିକ, ବସନ୍ତ ଯେନା ଓ ସୁଦର୍ଶନ ତରାଇ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପାଣି ସମସ୍ୟାର ସ୍ଥାୟୀ ପ୍ରତିକାର ନ ହେଲେ ସ୍ଥାନୀୟ ବସ୍ତି ବାସିନ୍ଦାଙ୍କୁ ନେଇ ପୌରପରିଷଦ ଘେରାଉ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଖରାଦିନ ପୂର୍ବରୁ ଏହାର ସ୍ଥାୟୀ ପ୍ରତିକାର, ବିପିଏଲ୍‌ଧାରୀଙ୍କୁ ମାଗଣା ଜଳଯୋଗାଣ ଓ ରାଜ୍ୟ ସରକାର ଅନ୍ୟ ରାଜ୍ୟ ଭଳି ୨୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ୍ ଶୁଳ୍କ ଛାଡ଼ କରିବାକୁ ଦାବି କରାଯାଇଛି।

ଅନ୍ୟପକ୍ଷରେ ରାଜ୍ୟ ସରକାର ସ୍ୱଜଳଧାରା ଯୋଜନାରେ ସହରାଞ୍ଚଳରେ ୨୪ ଘଣ୍ଟିଆ ଜଳ ଯୋଗାଣ ସେବା ଉଦ୍‌ଘାଟନ କରିଥିଲେ ମଧ୍ୟ ଏହା ବାସ୍ତବରେ ସଫଳ ରୂପାୟନ ହୋଇପାରିନାହିଁ। ୧୦ ବର୍ଷ ଧରି ଜୋକଠାରୁ ସହରକୁ ଜଳ ଯୋଗାଣ ପାଇଁ ୧୪ କୋଟି ଟଙ୍କା ବ୍ୟୟ କରାଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ପାଇପ ଲାଇନ ସଂଯୋଗ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ପ୍ରକଳ୍ପ ନାମରେ ହରିଲୁଟ ଚାଲିଛି ବୋଲି ମହାନ୍ତି ଓ ନାୟକ ଅଭିଯୋଗ କରିବା ସହ ଏହା ବିଭାଗର ଅପାରଗତା ବୋଲି କହି ସମାଲୋଚନା କରିଛନ୍ତି।

# ବରୀରେ ଜନସମ୍ପର୍କ ପଦଯାତ୍ରା



ରାଜ୍ୟ ବିଜେଡି ସମ୍ପାଦକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରା।

ବରୀ,୧।୩(ମହେନ୍ଦ୍ର ସ୍ୱାଇଁ)

ବରୀ ନିର୍ବାଚନମଣ୍ଡଳୀ ଅଧୀନ ମଧୁସୂଦନପୁର ପଞ୍ଚାୟତରେ ରାଜ୍ୟ ବିଜେଡି ସମ୍ପାଦକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା, ସାଧାରଣ ଲୋକଙ୍କ ସହ ଯୋଡ଼ି ହେବା ଏବଂ ସେମାନଙ୍କ ସମସ୍ୟା ସମାଧାନ କ୍ଷେତ୍ରରେ ଦଳୀୟ କର୍ମୀ ଉଦ୍ୟମ କରିବା ପଦଯାତ୍ରାର ଲକ୍ଷ୍ୟ ବୋଲି ମଲ୍ଲିକ କହିଛନ୍ତି। ଅଙ୍ଗଲୋ ପଞ୍ଚାୟତସ୍ଥିତ ସୋମେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ପରେ ପଦଯାତ୍ରା କରାଯାଇଥିଲା। ପଦଯାତ୍ରା ମଧୁସୂଦନପୁର ପଞ୍ଚାୟତର ଦୁର୍ଗା ପୀଠାରୁ ଆରମ୍ଭ ହୋଇ ସୁନ୍ଦରପୁର ବାରିତୋଟା ଖେଳ ପଡ଼ିଆରେ ଶେଷ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ ଗେଡ଼ି, ଜିଲା ପରିଷଦ ସଭ୍ୟ ଦିଲୀପ ମହାନ୍ତି, ଜିଲା ପରିଷଦ ସଭ୍ୟ ସନ୍ତୋଷ ସାମଲ, ବୁଲୁ ଯାଦବ, ସରପଞ୍ଚ ସୁଚିତ୍ରା ମଲିକ, ସମିତିସଭ୍ୟ ନଗେନ୍ଦ୍ର ଧଳ, ପ୍ରାକ୍ତନ ସରପଞ୍ଚ ହର୍ଷବର୍ଦ୍ଧନ ସାମଲ ଓ କୁଞ୍ଜବିହାରୀ ସାମଲ ପ୍ରମୁଖ ସାମିଲ ହୋଇଥିଲେ।

# ଲକ୍ଷ୍ମୀ ବସ୍ ଚଳାଚଳର ଶୁଭାରମ୍ଭ

କଳିଙ୍ଗନଗର, ୧।୩ (ଶୁଭାଶିଷ ରାଉତ)

ଦାନଗଦୀ ବ୍ଲକର ୧୬୩୮ ହିତାଧିକାରୀଙ୍କୁ ଶୁକ୍ରବାର ନୂତନ ଭତ୍ତା ପ୍ରଦାନ କରାଯାଇଛି। ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ଓ ପରିଚୟ ପତ୍ର ପ୍ରଦାନ କରିଛନ୍ତି। ଏଥିସହିତ ସେ ଲକ୍ଷ୍ମୀ ବସ୍ ଚଳାଚଳର ଶୁଭାରମ୍ଭ କରିଛନ୍ତି। ଏହି ୨ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ବ୍ଲକ୍ ଅଧ୍ୟକ୍ଷା ଅର୍ଚ୍ଚନା ଦାସ, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି, ଉପାଧ୍ୟକ୍ଷ ଅଜୟ ବିନ୍ଧାଣି, ଜିଲା ପରିଷଦ ସଭ୍ୟ ସୁଚିତ୍ରା ବିଶ୍ୱାଳ ଓ ସ୍ମୃତିରାଣୀ ରାଉତ ପ୍ରମୁଖ ଯୋଗ ଦେଇଥିଲେ।




ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ପତାକା ଦେଖାଇ ଲକ୍ଷ୍ମୀବସ୍ ଚଳାଚଳର ଶୁଭାରମ୍ଭ କରୁଛନ୍ତି।

### ବୌଦ୍ଧପୀଠ ଉଦୟଗିରିର ଉନ୍ନତିକରଣ ଦାବି

ଚଣ୍ଡିଖୋଲ,୧।୩(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲାର ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରିରୁ ବହୁ ପ୍ରାଚୀନ ବୌଦ୍ଧ କୀର୍ତ୍ତିରାଜି ଆବିଷ୍କୃତ ହୋଇଛି। ଏହାର ରକ୍ଷଣାବେକ୍ଷଣ ଠିକରେ ହୋଇ ପାରୁନାହିଁ। ତେଣୁ ଏହାର ବିକାଶ ଓ ଉନ୍ନତିକରଣ ପାଇଁ ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ଗ୍ରାମର ଅମିତାଭ ବଳ ପ୍ରଧାନମନ୍ତ୍ରୀଙ୍କ ଦପ୍ତରକୁ ପତ୍ରଲେଖି ଅନୁରୋଧ କରିବା ସହ ଏକ୍ସ (ପୂର୍ବରୁ ଟୁଇଟର ଥିବା)ମାଧ୍ୟମରେ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସଂସ୍କୃତି ମନ୍ତ୍ରଣାଳୟକୁ ଏହାର ସମାଧାନ ପାଇଁ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏହାପରେ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଉପସଚିବ ଅରୁଣ କୁମାର ପତ୍ର ବଳଙ୍କୁ ଲେଖି ଉଦୟଗିରି ବୌଦ୍ଧ ପୀଠର ଉନ୍ନତିକରଣ ସହ ମ୍ୟୁଜିୟମ ପ୍ରତିଷ୍ଠା କରାଯିବା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି। ଖୁବ୍‌ଶୀଘ୍ର ଉନ୍ନତିକରଣ କାର୍ଯ୍ୟ ହେବ ବୋଲି ସେ ଜଣାଇଛନ୍ତି।

### ମୋବାଇଲ ଚୋରି ଅଭିଯୋଗରେ ଜଣେ ଗିରଫ

ଯାଜପୁରରୋଡ୍,୧।୩(ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁର ରୋଡ୍ ପୋଲିସ ମିଲିଟାରି ଛକରେ ଚଢ଼ାଉ କରି ମୋବାଇଲ ଚୋରି ଅଭିଯୋଗରେ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଦଶମାଣିଆ ଅଞ୍ଚଳର ରାଜୁ ପ୍ରଧାନ। ଶୁକ୍ରବାର କାଳିମେଳଣ ପଡିଆକୁ ସୁବ୍ରତ କୁମାର ନାମକ ଜଣେ ଯୁବକ ପରିବା କିଣିବାକୁ ଆସିଥିଲେ। ଏହି ସମୟରେ ସୁବ୍ରତଙ୍କ ପକେଟରୁ ମୋବାଇଲଟି ଚୋରି ହୋଇଯାଇଥିଲା। ଘଟଣାକୁ ନେଇ ସୁବ୍ରତ ଯାଜପୁର ରୋଡ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମିଲିଟାରି ଛକରେ ଚଢ଼ାଉକରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଏକ ମୋବାଇଲ ଫୋନ୍ ଜବତ କରିଥିଲା। ଏନେଇ ନଂ.୧୫୦/୨୪ରେ ଏକ ମାମଲା ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ଉପେନ୍ଦ୍ର ନାଥ ପ୍ରଧାନ ସୂଚନା ଦେଇଛନ୍ତି।

# ଷଷ୍ଠ ଶ୍ରେଣୀ ନାମଲେଖା ଚୂଡ଼ାନ୍ତ ତାଲିକା ପ୍ରକାଶରେ ବିଳମ୍ବ

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ

■ ତେଜୁଛି ଅସନ୍ତୋଷ

ସିଂହପୁର,୧।୩(ଅନଙ୍ଗ ଉଦୟ ବେଉରିଆ)

ଗ୍ରାମାଞ୍ଚଳର ମେଧାବୀ ଛାତ୍ରୀଛାତ୍ରଙ୍କ ପାଠ ପଢ଼ା ନିମନ୍ତେ ରାଜ୍ୟ ସରକାର ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରିଛନ୍ତି। ଏଠାରେ ପିଲାଙ୍କୁ ଇଂରାଜୀ ମାଧ୍ୟମରେ ନବୋଦୟ ବିଦ୍ୟାଳୟ ଓ କେନ୍ଦ୍ରୀୟ ବିଦ୍ୟାଳୟ ଆଦି ଢାଞ୍ଚାରେ ପାଠ ପଢ଼ାଯାଉଛି। ଚଳିତ ଜାନୁଆରୀ ୯ ତାରିଖରେ ଷଷ୍ଠ ଶ୍ରେଣୀରେ ନାମ ଲେଖା ନିମନ୍ତେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହାର ରେଜଲ୍ଟ ଫେବୃଆରୀ ୬ରେ ପ୍ରକାଶ ପାଇଛି। ମାତ୍ର ପରିତାପର ବିଷୟ, ଏହି ଫଳ ପ୍ରକାଶନର ତିନି ସପ୍ତାହ ବିତିଯାଇଥିଲେ ମଧ୍ୟ ବିଞ୍ଝାରପୁର ବ୍ଲକର ଉତ୍ତରକୁଳ ଆଦର୍ଶ ବିଦ୍ୟାଳୟରେ ଅଦ୍ୟାବଧି ପ୍ରୋଭିଜିନାଲ ମେରିଟ ଲିଷ୍ଟ କି ଫାଇନାଲ ମେରିଟ ଲିଟ୍ ପ୍ରକାଶ ପାଉନାହିଁ। ଏଥିରେ ଅହେତୁକ ବିଳମ୍ବ ଦେଖା ଦେଇଛି। ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ମେଧା ତାଲିକା ପ୍ରକାଶରେ ବିଳମ୍ବ ଯୋଗୁ ବିଦ୍ୟାଳୟ କର୍ତ୍ତୃପକ୍ଷ ନାମ ଲେଖାରେ ହେରଫେର କରୁଥିବା ଅଭିଭାବକ ମହଲରେ ଚର୍ଚ୍ଚା ଜୋର ଧରିଛି। ମେଧାବୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହିତ ଅଧିକାରୀମାନେ ଖେଳ ଖେଳୁଥିବା ଅଭିଯୋଗ ହେଉଛି।

ଅନ୍ୟପକ୍ଷରେ ଓଡ଼ିଶାର ପ୍ରାୟ ଜିଲାରେ ଥିବା ବିଦ୍ୟାଳୟ ଗୁଡ଼ିକରେ ଏହି ଲିଷ୍ଟ ପ୍ରକାଶ ପାଇ ସାରିଥିବାବେଳେ ବିଞ୍ଝାରପୁର ବ୍ଲକରେ ପ୍ରକାଶ ନ ପାଇବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଆଦର୍ଶ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜତିନ୍ଦ୍ର କରଙ୍କୁ ପଚାରିବାରୁ ସେ କହିଛନ୍ତି, ଫେବୃଆରୀ ୨୫ ସୁଦ୍ଧା ରେଜଲ୍ଟ ପ୍ରକାଶ ପାଇବାର ଥିଲା। ମାତ୍ର ଜିଲାପାଳଙ୍କ ଦସ୍ତଖତ ହୋଇ ନ ଥିବାରୁ ରେଜଲ୍ଟ ପ୍ରକାଶ ପାଇବାରେ ବିଳମ୍ବ ହେଉଛି। ତେଣୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଜିଲାପାଳ ଏ ଦିଗରେ ପଦକ୍ଷେପ ନେବାକୁ ଆଶାୟୀ ଅଭିଭାବକମାନେ ଦାବି କରିଛନ୍ତି।

# ଯୋଡ଼ା ଅଞ୍ଚଳରୁ ଯୁବତୀଙ୍କୁ ଉଦ୍ଧାର କଲା ପୋଲିସ

## ଯୁବତୀ ଅପହରଣକୁ ନେଇ ଥାନାରେ ହୋହଲ୍ଲା ଘଟଣା

ବିଞ୍ଝାରପୁର,୧।୩(ରାମକୃଷ୍ଣ ଦାସ)

ବିଞ୍ଝାରପୁର ଥାନା ଅଞ୍ଚଳରୁ ଅପହରଣ ହୋଇଥିବା ଜଣେ ଯୁବତୀଙ୍କୁ କେନ୍ଦୁଝର ଜିଲାର ଯୋଡ଼ା ଅଞ୍ଚଳରୁ ଶୁକ୍ରବାର ପୋଲିସ ଉଦ୍ଧାର କରିଛି। ଏଥିସହିତ ଅପହରଣ କରିଥିବା ଯୁବକଙ୍କୁ କାବୁ କରିଛି। ବୟାନ ରେକର୍ଡ ପାଇଁ ଉଭୟଙ୍କୁ କୋର୍ଟରେ ହାଜର କରାଯାଇଛି। ଯୁବତୀଙ୍କୁ ବିଞ୍ଝାରପୁର ଥାନା ଟିଣା ଗ୍ରାମର ରାକେଶ ନାୟକ ଅପହରଣ କରିଥିବା ନେଇ ଯୁବତୀଙ୍କ ମା' ଗତ ମାସ ୨୫ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ମାମଲା ରୁଜୁ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଏହି ଘଟଣାକୁ କେନ୍ଦ୍ର କରି ଗୁରୁବାର ଯୁବତୀଙ୍କ ଗ୍ରାମର କେତେଜଣ ମହିଳା ଓ ପୁରୁଷ ବିଞ୍ଝାରପୁର ଥାନାରେ ପସି ହୋହଲ୍ଲା କରିବା ସହ ପୋଲିସକୁ ନାନାକଥା କହିଥିଲେ। ଏସ୍‌ଡିପିଓ ପହଞ୍ଚି ଯୁବତୀଙ୍କୁ ଖୋଜିଆଣି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

# ୧୩ ପଞ୍ଚାୟତରେ ଖୋଲିଲା ଆମ ବ୍ୟାଙ୍କ୍




ଅରେଇ ପଞ୍ଚାୟତରେ ମୋ ବ୍ୟାଙ୍କ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ବିଞ୍ଝାରପୁର,୧।୩(ରାମକୃଷ୍ଣ ଦାସ)

ହାତ ପାହାନ୍ତାରେ ପହଞ୍ଚିଲା ବ୍ୟାଙ୍କ୍ ସେବା। ବିଞ୍ଝାରପୁର ବ୍ଲକ୍‌ରେ ଦ୍ୱିତୀୟ ପର୍ଯ୍ୟାୟରେ ୧୩ ପଞ୍ଚାୟତ ଯଥା; ଅରେଇ, ଆଉଁରୀ, ଚିକଣା, ଗୁହାଳି, ବାଛଳ, ବାଙ୍ଗରା, ବରପଡ଼ା, ହଳଦିଡ଼ିଆ, ଜରି, ରଣପୁର, ଟିଣା, ଉତ୍ତନ୍ଦ ଓ ଚନ୍ଦ୍ରମୁଁରେ ଆମ ବ୍ୟାଙ୍କ୍ ଖୋଲିଛି। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ସରକାରଙ୍କ ଏହି ଯୋଜନାରେ ୬ ରାଷ୍ଟ୍ରାୟତ ବ୍ୟାଙ୍କ ଯୋଡି ହୋଇଛି। ଆମ ବ୍ୟାଙ୍କ ଲୋକଙ୍କୁ ୧୫ ପ୍ରକାର ବ୍ୟାଙ୍କ ସେବା ଯୋଗାଇ ଦେବ। ରାଜ୍ୟ ସରକାରଙ୍କ ୫-ଟି ଉପକ୍ରମରେ ଏହା ଆରମ୍ଭ କରାଯାଇଛି। ଯୋଜନାରେ ବରିଷ୍ଠ ନାଗରିକ, ଗର୍ଭବତୀ ଓ ଭିନ୍ନକ୍ଷମଙ୍କୁ ଘରେ ହିଁ ବ୍ୟାଙ୍କ ସେବା ଯୋଗାଇ ଦିଆଯାଉଛି ବୋଲି ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ସୂଚନା ଦେଇଛନ୍ତି।

# ଖଣି ନିଗମ ପକ୍ଷରୁ ଗ୍ରାମାଞ୍ଚଳ ଯୁବ କ୍ରୀଡ଼ା ମହୋତ୍ସବ




କ୍ରୀଡ଼ା ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

କାଳିଆପାଣି,୧।୩(ଅସିତ ମହାନ୍ତ)

କାଳିଆପାଣି ଖଣି ଅଞ୍ଚଳର ବିଭିନ୍ନ ପଞ୍ଚାୟତ କ୍ରୀଡ଼ାବିତଙ୍କୁ ନେଇ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ପକ୍ଷରୁ ଏକ ଯୁବକ୍ରୀଡ଼ା ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଟାଉନଶିପ ଖେଳ ପଡ଼ିଆରେ ଏହି କାର୍ଯ୍ୟକ୍ରମ ୨ ଦିନ ଧରି ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ଗ୍ରାମ୍ୟର ଯୁବକମାନଙ୍କ ମଧ୍ୟରେ ପ୍ରତିଯୋଗିତା ହେବ। ଖଣି ନିଗମର ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା ମଧୁସ୍ମିତା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ସାଧାରଣ ସମ୍ପାଦକ ନାରାୟଣ ଧୀର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ସଭ୍ୟା ଜେମା ଚାଖି, ଖଣି ନିଗମର ବରିଷ୍ଠ ପରିଚାଳକ ଇଂ. ମନୋଜ ସେଠୀ, ଇଂ. ଗଣେଶ୍ୱର ଭୂୟାଁ, ପ୍ରଶାସନିକ ଅଧିକାରୀ ସୁଶାନ୍ତ ସେଠୀ ଓ କାଳିଆପାଣି ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ଜେନାଙ୍କ ସମେତ ସ୍ଥାନୀୟ ଜନ ପ୍ରତିନିଧି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଧର୍ମଶାଳା ପ୍ରେସ୍ କ୍ଲବର ବାର୍ଷିକ ଉତ୍ସବ

ଧର୍ମଶାଳା,୧।୩(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ପ୍ରେସ୍‌କ୍ଲବର ୨୧ତମ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ ଜାରକା ସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରେସ୍‌କ୍ଲବ୍ ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ବିଧାୟକ ପ୍ରଣବ ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ସାମ୍ବାଦିକତା ଓ ରାଜନୀତି କ୍ଷେତ୍ର ଅଲଗା ହେଲେ ମଧ୍ୟ ଲକ୍ଷ୍ୟ ଏକ ବୋଲି କହିଥିଲେ। ଅତିଥିଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଯୋଗଦେଇ ଖବରଦାତା ସରକାରଙ୍କ ଦୋଷ ଦୁର୍ବଳତାକୁ ଲୋକଲୋଚନକୁ ଆଣିବା ସହିତ ନିଷ୍ପେଶିତ ଓ ଅବହେଳିତ ବର୍ଗର ଲୋକଙ୍କ ସ୍ୱରକୁ ସରକାରଙ୍କ ସାମନାକୁ ଆଣିବାକୁ ଉଦ୍ୟମ କରିବା ଏବଂ ସରକାରଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଯୋଜନାର ସଫଳତାକୁ ପ୍ରକାଶ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଖବରଦାତା ସନ୍ଦୀପ ସାହୁ ଯୋଗଦେଇ ଖବରଦାତାଙ୍କ ମଧ୍ୟରେ ଏକତା ଆସିବା ଦରକାର, ଫଳରେ ଏହି ବୃତ୍ତିର ମୂଲ୍ୟାୟନ ବୃଦ୍ଧି ପାଇବା ସହିତ ସରକାରଙ୍କ ମନମାନି ଉପରେ ଅଙ୍କୁଶ ଅଣାଯାଇ ପାରିବ ବୋଲି ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରେସ୍‌କ୍ଲବର ମୁଖପତ୍ର ପ୍ରହରୀ ଓ ଖବରଦାତା ମାନସ ଜେନାଙ୍କ ମାସିକ ପତ୍ରିକା ଆଜିର ଆହ୍ୱାନକୁ ଅତିଥି ଉନ୍ମୋଚନ କରିଥିଲେ। ପରେ ଅତିଥିଙ୍କ ଦ୍ୱାରା ବଡ଼ଚଣା ଅଞ୍ଚଳର ଖବରଦାତା ଭକ୍ତ ଚରଣ ସାହୁଙ୍କୁ ନରହରି ମହାନ୍ତି ସ୍ମୃତି ସମ୍ମାନ, ଶିଶୁ ସାହିତ୍ୟ ସ୍ରଷ୍ଟା ବଟକୃଷ୍ଣ ଓଝାଙ୍କୁ ସାରସ୍ୱତ ସାଧକ ସମ୍ମାନ, ବାସନ୍ତୀ ରଣାଙ୍କୁ ସଫଳ ଉଦ୍ୟୋଗୀ ସମ୍ମାନ ଓ ଖବରକାଗଜ ବିତରକ ବସନ୍ତ ବାରିକଙ୍କୁ ଜୀବନ ବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରେସ୍‌କ୍ଲବ ପ୍ରତିଷ୍ଠାତା ସଭ୍ୟା ପ୍ରେମଲତା ଜେନା, ସଭ୍ୟ ଅଭିମନ୍ୟୁ ପଣ୍ଡା ଓ ନାରାୟଣ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ଇନ୍ଦ୍ରମଣି ନାୟକ, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ ପ୍ରମୁଖ ଯୋଗଦେଇ ସୂଚନା ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିବାବେଳେ କୋଷାଧ୍ୟକ୍ଷ ଅଖିଳ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜାରକା ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯିବା ସହ ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ଖବରଦାତା ଗୁଲାମ ଗସ, ସୀତାକାନ୍ତ ସାମଲ, କପିଳେନ୍ଦ୍ର ରାଉତ, ବିକ୍ରମ କେଶରୀ ମହାନ୍ତି, ଅକ୍ଷୟ ରାଉତ, ବିବେକାନନ୍ଦ ରାୟ, ପ୍ରଶାନ୍ତ ଗନ୍ତାୟତ, କ୍ଷୀରୋଦ ଚନ୍ଦ୍ର ମୁଦୁଲି, ବିନୋଦ ପରିଡ଼ା, ଅନିଲ ନାୟକ, ରଶ୍ମିରଞ୍ଜନ ରାୟ, ଗିରିଧାରୀ ବେହେରା, ସୁବ୍ରତ ଜେନା, କିଶୋର ଚନ୍ଦ୍ର ରାଉତ ଓ ବିନୋଦ ବିହାରୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଖବରଦାତା ଜେନା ଧନ୍ୟବାଦ ଦେଇଥିଲେ।



ଧର୍ମଶାଳା ପ୍ରେସ୍ କ୍ଲବ ମୁଖପତ୍ର ପ୍ରହରୀକୁ ଅତିଥି ଉନ୍ମୋଚନ କରୁଛନ୍ତି।

# ପାର୍ଟି ନୁହେଁ, ଏଥର ଚାଷୀ ସରକାର ଦରକାର

**ନବନିର୍ମାଣ କୃଷକ ସଙ୍ଗଠନର ସଂକଳ୍ପ ସମାବେଶ**

## ବିଜେଡି, ଭାଜପା ଓ କଂଗ୍ରେସ ବିରୋଧରେ ସ୍ୱର ଉଠିଲା

ଜଗତ୍‌ସିଂହପୁର, ୧୩ (ପ୍ରମୋଦ କୁମାର ନାୟକ)



ସମାବେଶରେ ନବନିର୍ମାଣ କୃଷକ ସଙ୍ଗଠନର ନେତୃମଣ୍ଡଳୀ।

ଚାଷୀଙ୍କ ୮୦ ପ୍ରତିଶତ ଭୋଟରେ ଭାଜପା କେନ୍ଦ୍ର ଓ ବିଜେଡି ରାଜ୍ୟରେ ସରକାର ଚଳାଇଛି। ଦୀର୍ଘ ୨୪ ବର୍ଷ ହେଲା ବିଜେଡି ଓଡ଼ିଶାରେ ଶାସନ କରି ଚାଲିଛି। ଏହା ସତ୍ତ୍ୱେ ଚାଷୀମାନେ ଉପେକ୍ଷିତ ହେଉଛନ୍ତି। ଏନେଇ ଏଥର ଚାଷୀ ବିରୋଧୀ ସରକାର କରେଇ ଦେବୁ ନାହିଁ। କ୍ଷମତା ଚାବି ବିଜେଡି, ଭାଜପା କିମ୍ବା କଂଗ୍ରେସ ହାତରେ ଧରାଇବୁ ନାହିଁ। ଚାଷୀ ନିଜ ଭୋଟରେ ନିଜ ସରକାର କରିବ। ଶୁକ୍ରବାର ସ୍ଥାନୀୟ ବଙ୍ଗଳା ଛକ ନିକଟ କେନାଲ ଆରପଟ ପଡ଼ିଆରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଆୟୋଜିତ ସଂକଳ୍ପ ସମାବେଶରେ ଏହା କୁହାଯାଇଛି। ସଙ୍ଗଠନର ନେତାମାନେ ଏକଥା ମଧ୍ୟ କହିଥିଲେ, କ୍ଷମତାକୁ ଯିବା ପାଇଁ ସେମାନଙ୍କର ରାଜନୈତିକ ଲାଳସା କେବେ ନ ଥିଲା। କିନ୍ତୁ ସରକାର ସେମାନଙ୍କୁ ଏକପ୍ରକାର ବାଧ୍ୟ କଲା। ଚାଷୀ ତା'ନ୍ୟାର୍ଯ୍ୟ ଦାବି ନେଇ ଭୁବନେଶ୍ୱରରେ ଥରେ କି ଦୁଇ ଥର ନୁହେଁ, ଚାରି ଥର ଆନ୍ଦୋଳନ ପାଇଁ ଚେଷ୍ଟା କରିଛି, କିନ୍ତୁ ଦାବିପୂରଣ ହୋଇନାହିଁ। ସେହିପରି ଧାନ, କ୍ଷୀର ଆଦି ଉପରେ ବୋନସ କିମ୍ବା ରିଲିଫ କୋଡ୍ ସଂଶୋଧନ କେଉଁଥିରେ ସରକାରଙ୍କ ଆଗ୍ରହ ରହୁନାହିଁ। ମଣ୍ଡିରେ ଧାନ ବସ୍ତାରେ ୩ରୁ ୪ କେଜି କାଟ୍ କରାଯାଉଛି। ତେଣୁ ଚାଷୀ ନିଜ ଭୋଟରେ ନିଜ ସରକାର ଗଢ଼ିବା ପାଇଁ ସଂକଳ୍ପ ନେଇଛି। ଏହି ସମାବେଶର ନାରା ହେଉଛି 'ଭୋଟ ଆମର ସରକାର ଆମର'। କେବଳ ଲୋକେ ଟିକିଏ ମନ ଓ ମତ ବଦଳାଇଲେ ସବୁ କିଛି ସମ୍ଭବ। ୨୦୨୪ ନିର୍ବାଚନରେ ଚମକାଇଲା ଭଳି ଫଳ ମିଳିବ। ଚାଷୀ କ୍ଷମତା ଦଖଲ କରିବେ। ପାର୍ଟି ନୁହେଁ, ଏଥର ଚାଷୀ ସରକାର ଓଡ଼ିଶା ଦେଖିବ ବୋଲି ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଏହା କହିଥିଲେ। ସଙ୍ଗଠନ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଥିଲେ, ତିର୍ତ୍ତୋଲରେ ଏକ ସୂତାକଳ ଥିଲା। ବହୁ ଲୋକ ଏହାଦ୍ୱାରା ଜୀବିକା ନିର୍ବାହ କରୁଥିଲେ। ତାହା ଅଚଳ ହୋଇଗଲା ପରେ ରାଜ୍ୟ ସରକାର ତାକୁ ଚଳେଇ ପାରିଲେ ନାହିଁ। ରାଜ୍ୟ ସରକାର ଚାଷୀଙ୍କୁ ରୋଜଗାର ନ ଦେଇ କେବଳ ମିଛ ବିକାଶର ପ୍ରଚାର କରୁଛନ୍ତି। ଆମ ରାଜ୍ୟ ବଜେଟର ଆକାର ବଢ଼ିଛି ସତ, କିନ୍ତୁ କାଳିଆ ସହାୟତା ରାଶି ୧୦ ହଜାରରୁ ୪ ହଜାରରେ ପହଞ୍ଚିଲାଣି। ଓମ୍‌ଫେଡ କ୍ଷୀର ଉପରୁ ବୋନସ୍ ପ୍ରତ୍ୟାହାର ହେଉଛି। ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ କହିଥିଲେ, ରାଜ୍ୟରେ ଜଙ୍ଗଲିରାଜ ଚାଲିଛି। ଓଡ଼ିଆମାନେ ଶୋଷିତ ହେଉଛନ୍ତି। ଓଡ଼ିଶା ଏବେ ଅଣଓଡ଼ିଆଙ୍କ ଚରାଭୂଇଁ ପାଲଟିଛି। ସମାବେଶର ଉଦ୍ୟୋକ୍ତା ତଥା ସଙ୍ଗଠନ ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ କହିଥିଲେ, ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। କିନ୍ତୁ ଆମ ସରକାର ଚାଷୀ ଆୟ ବୃଦ୍ଧି କିମ୍ବା ତାଙ୍କ ସୁରକ୍ଷା ପାଇଁ ଗୁରୁତ୍ୱ ଦେଉନାହାନ୍ତି। ପଡ଼ୋଶୀ ଛତିଶଗଡ଼ରେ ଧାନ କୁଇଣ୍ଟାଲରେ ୫୦୦ ଟଙ୍କା ବୋନସ ଦିଆଯାଉଥିବା ବେଳେ ଓଡ଼ିଶାରେ ବ୍ୟତିକ୍ରମ ଲକ୍ଷ୍ୟ କରାଯାଉଛି। ସଙ୍ଗଠନ ନେତା ବାସୁଦେବ କହିଥିଲେ, ସରକାର ଟାଟାକୁ ବିଦ୍ୟୁତ ବିକ୍ରି କରି ଦେଇଛନ୍ତି। ଜଗତ୍‌ସିଂହପୁର ଜିଲାରେ ମେଡିକାଲ କଲେଜ ହେବାର ସମସ୍ତ ଯୋଗ୍ୟତା ସତ୍ତ୍ୱେ ହେଉନାହିଁ। ସଙ୍ଗଠନର ପୂର୍ବତନ ସଂଯୋଜକ ଦୁର୍ଗାଚରଣ ସ୍ୱାଇଁ ଓ ଅଶୋକ ସ୍ୱାଇଁ କହିଥିଲେ, ଏଥର ଚାଷୀ ସରକାର ଆସିବ ବୋଲି ସେମାନେ ଆଶାବାଦୀ। ସମାବେଶ ପୂର୍ବରୁ ଚାଷୀମାନେ ଖେରସସ୍ଥିତ ନବକୃଷ୍ଣ ଚୌଧୁରୀ, ଗୋପବନ୍ଧୁ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସହର ପରିକ୍ରମା କରି ଶୋଭାଯାତ୍ରାରେ ସଭାସ୍ଥଳ ପର୍ଯ୍ୟନ୍ତ ଯାଇଥିଲେ। ପ୍ରାରମ୍ଭରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବୀ ପ୍ରସାଦ ମହାରଣା ବୈପ୍ଳବିକ ସଂଗୀତ ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ନେତୃତ୍ୱ ଯଥା ଅଶୋକ ସ୍ୱାଇଁ, ବିଷ୍ଣୁଚରଣ ଦାସ, ରଘୁନାଥପୁର ବ୍ଲକ ସଂଯୋଜକ ଶରତଚନ୍ଦ୍ର ମହାପାତ୍ର, ତିର୍ତ୍ତୋଲ ସଂଯୋଜକ ମଙ୍ଗୁଳି ଚରଣ ରାଉତ, ଆଲୋକ ସ୍ୱାଇଁ, ରଘୁନାଥ ନାୟକ, ଅମୂଲ୍ୟ ମହାନ୍ତି, ଅଭୟ ସ୍ୱାଇଁ, ସୁରେଶ ପଟ୍ଟନାୟକ, ଦେବବ୍ରତ ସାହୁ, ଗୋବିନ୍ଦ ସାହୁ, ବିଜୟ ପତି ଓ ସଞ୍ଜୟ ସାହୁ ପ୍ରମୁଖ ଯୋଗଦେଇଥିଲେ।

**ସଂକ୍ଷେପରେ**

## ଦୁଇଟି ମାମଲାରେ ୨ ଅଭିଯୁକ୍ତ ଗିରଫ

ଡେରାବିଶ, ୧୩ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ଥାନା ପକ୍ଷରୁ ଗୁରୁବାର ରାତିରେ ୨ଟି ମାମଲାରେ ଫେରାର ଥିବା ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ୨୦୨୩ରେ ଥାନା ଅନ୍ତର୍ଗତ ରଘୁଦେଇପୁର ପଞ୍ଚାୟତ ଡେରାକେଶପୁର ଗାଁରେ ଏକ ମହିଳାଙ୍କୁ ଅପହରଣ କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଥାନାରେ ନଂ.୨୮୮/୨୩ରେ ଏକ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ପପୁ ମଲିକ ଫେରାର ଥିଲେ। ପପୁ ଘରେ ଥିବା ଖବରପାଇ ପୋଲିସ ତାଙ୍କୁ ଗିରଫ କରିଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ରମେଶ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ସେହିପରି ଡେରାବିଶ ଥାନା ଅଧୀନ ପଲେଇ ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ଭଦ୍ରଙ୍କୁ ଗୁରୁବାର ନିଜ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ବେଳେ ଅଢ଼ଙ୍ଗା ମଲ୍ଲିକେଶ୍ୱରପୁର ଗାଁର ଜ୍ଞାନ ରଞ୍ଜନ ସ୍ୱାଇଁ ତାଙ୍କୁ ଆକ୍ରମଣ କରିଥିବା ନେଇ ଗୁରୁବାର ସମ୍ପାଦକ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ନଂ.୩୦/୨୪ରେ ଥାନାରେ ଏକ ମାମଲା ରୁଜୁ ହେବା ସହ ଅଭିଯୁକ୍ତ ଜ୍ଞାନରଞ୍ଜନଙ୍କୁ ଗିରଫ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ପ୍ରଦୋଷ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

## ମହିଳା ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଡେରାବିଶ, ୧୩ (ବେବର୍ତ୍ତା ଅଜୟ ଦାସ)

ମହିଳା ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା କନକଲତା କଣ୍ଡଙ୍କ ନେତୃତ୍ୱରେ ଡେରାବିଶ ବ୍ଲକର ୧୨ନଂ., ୧୩ ନଂ. ଓ ୧୪ ନଂ. ଜୋନର ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ତରଜଙ୍ଗା, ଏଣ୍ଡର ପଞ୍ଚାୟତର ଏଣ୍ଡର, ଖମୋଳ ପଞ୍ଚାୟତର ବିଶୋକ, କାଉପଡ଼ା ପଞ୍ଚାୟତର ବାଘିଲୋଠାରେ ପରିବାର ସମ୍ପର୍କ ଅଭିଯାନ ଓ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଜେଡି ଜାନୁଆରୀ ୨୩ ନେତାଜୀ ସୁବାଷ ବୋଷ ଜୟନ୍ତୀଠାରୁ ମାର୍ଚ୍ଚ ୫ ତାରିଖ ବିଜୁ ପଟ୍ଟନାୟକ ଜୟନ୍ତୀ ପର୍ଯ୍ୟନ୍ତ ପରିବାର ସମ୍ପର୍କ ଅଭିଯାନ ଓ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ କରିବାକୁ ନେଇଥିବା ନିଷ୍ପତ୍ତି ନେଇଛି। କନକଲତା ପାଟକୁରା ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ସମସ୍ତ ପରିବାରଙ୍କ ନିକଟରେ ଏହା ପହଞ୍ଚାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ଅପରାହ୍ନରେ ଚାଟରାଚକଡ଼ା ପଂଚାୟତ ଗୋବିନ୍ଦପୁରଠାରେ ଆୟୋଜିତ ମହିଳା ସମାବେଶରେ କଣ୍ଡ ଯୋଗଦେଇ ବିଜେଡି ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସଚେତନ କରିଥିଲେ। ପରେ ଗୋବିନ୍ଦପୁର ଗ୍ରାମର ପ୍ରତ୍ୟେକ ପରିବାରକୁ ଯାଇ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ।

## ଖବରଦାତା ସମ୍ମିଳନୀରେ ବର୍ଷିଲେ ଭାଜପା ଯୁବ ନେତା

ମହାକାଳପଡ଼ା, ୧୩ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡା ବ୍ଲକ ସମ୍ମୁଖରେ ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାଜପା ଯୁବ ନେତା ସୌଭାଗ୍ୟ ପରିଡ଼ାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ୨୪ ବର୍ଷ ଶାସନକୁ ପରିଡ଼ା ଦୃଢ଼ ବିରୋଧ କରିଥିଲେ। ଅପାରଗ ସରକାର ବୋଲି ଭାଜପା ଯୁବ ନେତା ବର୍ଷୀ ଥିଲେ। ମହାକାଳପଡ଼ା ବ୍ଲକର ଅନେକ ଗରିବୀ, ଖଟିଖିଆ କୃଷକ ମୂଲିଆ ଶ୍ରମିକମାନେ ଅବହେଳିତ। ଏମାନଙ୍କୁ ଆବାସ ଗୃହ ଓ ରାସନ କାର୍ଡ ଯୋଜନାରୁ ବଞ୍ଚିତ ବୋଲି ସମାଲୋଚନା କରିଥିଲେ। ଉପସ୍ଥିତ ଥିବା ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ବଳବନ୍ତରାୟ, ରାମଚନ୍ଦ୍ର ରାଉତଙ୍କ ସମେତ ବହୁସଂଖ୍ୟାରେ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଗ୍ରାମାଞ୍ଚଳରେ କଂଗ୍ରେସ ଉପରେ ଭରସା ଅତୁଟ ରହିଛି

ମହାକାଳପଡ଼ା, ୧୩ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

**ଜିଲା କଂଗ୍ରେସ ସଭାପତିଙ୍କୁ ନୃତ୍ୟ, ସଙ୍ଗୀତରେ ପାଛୋଟି ନେଲେ ଆଦିବାସୀ**



କେନ୍ଦ୍ରାପଡ଼ା ଜିଲାର ଜାତୀୟ କଂଗ୍ରେସ ଜିଲା ସଭାପତି ଲୋକନାଥ ମହାରଥୀ ଦାୟିତ୍ୱ ନେବା ପରେ କଂଗ୍ରେସ ଶିବିରରେ ଆନନ୍ଦ ଖେଳି ଯାଇଛି। ଏହି ଅବସରରେ ଶୁକ୍ରବାର ଜିଲା କଂଗ୍ରେସ ସଭାପତି ମହାରଥୀ ମହାକାଳପଡ଼ା ଗସ୍ତ କରିଛନ୍ତି। ନିଜର ଦଳୀୟ ଓ ଶୁଭେଚ୍ଛୁମାନଙ୍କୁ ଧରି ଆଦିବାସୀ ସାନ୍ତାଳୀମାନଙ୍କ ପାରମ୍ପରିକ ବାଦ୍ୟ ଓ ଲୋକ ନୃତ୍ୟରେ ଏକ ଶୋଭାଯାତ୍ରାରେ ବାହାରି ମା' ରାମଚଣ୍ଡି ମନ୍ଦିରରେ ପହଞ୍ଚି ଥିଲେ। ପରେ ମା'ଙ୍କୁ ଦର୍ଶନ କରିବା ସହ ଆଶିଷ ଭିକ୍ଷା କରିଥିଲେ। ପରେ ମା'ଙ୍କ ମନ୍ଦିର ପରିସରରେ ଆୟୋଜିତ ବନ୍ଧୁ ମିଳନରେ ଯୋଗଦେଇ ଦଳୀୟ କର୍ମୀମାନଙ୍କୁ ଆଗମୀ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ଗୁରୁମନ୍ତ୍ର ଦେଇଥିଲେ। ପୁରୁଣା କଂଗ୍ରେସର କର୍ମୀମାନଙ୍କୁ ଏକଜୁଟ କରିବା ସହ ୨୦୨୪ ନିର୍ବାଚନ ରଣନୀତି କ୍ଷେତ୍ର ପ୍ରସ୍ତୁତ କରିବା ପାଇଁ ଦଳୀୟ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଦୀର୍ଘ ୨୪ବର୍ଷ ଧରି ଚାଲିଥିବା ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଉପରେ ପ୍ରବଳ ବର୍ଷୀ ଥିଲେ। ଦଳୀୟ ସଙ୍ଗଠନକୁ ସୁଦୃଢ଼ ଓ ମଜଭୁତ କରିବା ପାଇଁ ଦଳୀୟ କର୍ମୀମାନଙ୍କୁ ପ୍ରତି ୱାର୍ଡକୁ ୱାର୍ଡ ସଜାଗ ରହିବାକୁ ପଡିବ ବୋଲି କହିଥିଲେ। ଗ୍ରାମାଞ୍ଚଳରେ କଂଗ୍ରେସ ଉପରେ ଭରସା ରହିଛି ବୋଲି ଜିଲା କଂଗ୍ରେସ ସଭାପତି ମହାରଥୀ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ ସଭାପତି କବିନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଓ କର୍ମମାନଙ୍କ ମଧ୍ୟରେ ବିଭ୍ରାଂଶୁ ଶେଖର ଲେଙ୍କା, ପ୍ରଫୁଲ୍ଲ କୁମାର ଦାସ, କୁଳମଣି ସାମଲ, ବସନ୍ତ କୁମାର ସେଠୀ, ବୈଷ୍ଣବ କୁମାର ପରିଡ଼ା, ନିରାକାର ଜେନା, ପ୍ରମୋଦ କୁମାର ସ୍ୱାଇଁ, ଗୌର ଗୋପାଳ ଦେବନାଥ, ବଙ୍କିମ ମାଝି, ବାବାଜୀ ଭୋଳ, କଳ୍ପତରୁ ପ୍ରଧାନ ମହେଶ୍ୱର ଗୋଚ୍ଛାୟତଙ୍କ ସମେତ ବହୁସଂଖ୍ୟାରେ ଦଳୀୟ କର୍ମୀ ଓ ଆଦିବାସୀମାନେ ଉପସ୍ଥିତ ଥିଲେ।

## ଶିକ୍ଷା ପରିଚୟ ସହ ଆଗକୁ ବଢ଼ିବାକୁ ବାଟ ଦେଖାଏ



ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

ରାଜକନିକା, ୧୩ (ସଞ୍ଜୟ କୁମାର ଦାଶ)

**ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୨୬ତମ ବାର୍ଷିକ ଉତ୍ସବ**

ରାଜକନିକା ବ୍ଲକ ବରାଡ଼ିଆ ଶିଶୁ ବିଦ୍ୟାମନ୍ଦିରର ୨୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ପୂର୍ବତନ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ତଥା ସ୍ତମ୍ଭକାର ଅଭୟ କୁମାର ଦ୍ୱିବେଦୀ, ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ଜିଲା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଚାଳକ ବିରଞ୍ଚି ନାରାୟଣ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ଆଳି ସଂକୁଳ ପ୍ରମୁଖ ଶିକ୍ଷା ବିକାଶ ସମିତି ସୁରେଶ ଚନ୍ଦ୍ର ମିଶ୍ର, ଜିଲା ପରିଷଦ ସଭ୍ୟା ଅମିତା ସାହୁ, କେନ୍ଦ୍ରାପଡ଼ା ଜିଲା ପ୍ରମୁଖ ଶିକ୍ଷା ବିକାଶ ସମିତି କପିଳ ଚରଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ, ଶିକ୍ଷା ହିଁ ପରିଚୟ ସୃଷ୍ଟି କରିବା ସହ ଆଗକୁ ଯିବାର ପଥପ୍ରଦର୍ଶକ ହୋଇଥାଏ। ଏହି ଅବସରରେ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରମେଶ ଚନ୍ଦ୍ର ନନ୍ଦ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ତ୍ରିଲୋଚନ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଆଚାର୍ଯ୍ୟ ବିବେକାନନ୍ଦ ରାଉତରାୟ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଗୁରୁମା' ଗୁରୁଜୀ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ୫ ପଞ୍ଚାୟତରେ ଆମ ବ୍ୟାଙ୍କ ଉଦ୍‌ଘାଟିତ

ରାଜକନିକା, ୧୩ (ସଞ୍ଜୟ କୁମାର ଦାଶ)

ପଞ୍ଚାୟତ ସ୍ତରରେ ଲୋକମାନଙ୍କ ସୁବିଧା ନିମିତ୍ତ ହାତପାହାନ୍ତାରେ ବ୍ୟାଙ୍କ ସେବା ଯୋଗାଇବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ତତ୍ପରତା ପ୍ରଦର୍ଶନ କରିଛନ୍ତି। ରାଜକନିକା ବ୍ଲକର ୫ ପଞ୍ଚାୟତରେ ଆମ ବ୍ୟାଙ୍କ ସେବା ଉଦ୍‌ଘାଟିତ ହୋଇଯାଇଛି। ରାଜକନିକା ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ପୃଥ୍ୱୀରାଜ ପରିଡାଙ୍କ ତତ୍ତ୍ୱାବଧାନରେ ଦେଉଳତରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ରାଉତ, ନମତରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ସଞ୍ଜୟ ପଣ୍ଡା, ନହୁଣୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ତ୍ରିଲୋଚନ ବିଶ୍ୱାଳ, ସିକୋ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଗଙ୍ଗାଧର ବେହେରା ଏବଂ ସମିତିସଭ୍ୟ ଅମିତ ନାୟକ ଓ ବରହା-ଦୋମଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ସନାତନ ଦାସ ପ୍ରମୁଖ ଯୋଗଦେଇ ଆମ ବ୍ୟାଙ୍କସେବାକୁ ଉଦ୍‌ଘାଟନ କରିଛନ୍ତି। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଏହି ବ୍ୟାଙ୍କ ସେବା ଯୋଗାଇବ ବୋଲି ଜଣାପଡିଛି। ପଞ୍ଚାୟତରେ ଏହି ସେବା ଉପଲବ୍ଧ ହେବା ଦ୍ୱାରା ଲୋକଙ୍କୁ ଆଉ ବ୍ୟାଙ୍କ ସେବା ପାଇଁ ସଦର ରାଜକନିକାକୁ ଯିବାକୁ ପଡିବ ନାହିଁ ବୋଲି ଅଧ୍ୟକ୍ଷା ଏବଂ ସରପଞ୍ଚମାନେ କହିଥିଲେ।

## ମୋବାଇଲ ବ୍ୟବହାର ପିଲାଙ୍କ ଉପରେ ଖରାପ ପ୍ରଭାବ ପକାଉଛି

ରାଜନଗର, ୧୩ (ଭାସ୍କର ରାଉତରାୟ)

**ଶିବାନନ୍ଦ ବିଦ୍ୟାମନ୍ଦିରରେ ୨୪ତମ ବାର୍ଷିକ ଉତ୍ସବ**

ମୋବାଇଲର ୨୫ ପ୍ରକାର ଆବଶ୍ୟକତା ରହିଛି। କଲଠାରୁ ଟଙ୍କା ଟ୍ରାନଜାକ୍ସନ ଯାଏଁ ମୋବାଇଲର ଆବଶ୍ୟକତା ରହିଛି। କିନ୍ତୁ ପିଲାମାନଙ୍କ କ୍ଷେତ୍ରରେ ମୋବାଇଲ ବ୍ୟବହାର ଉପଯୋଗୀ ନୁହେଁ। କୋଭିଡ ସମୟରେ ପିଲାମାନେ ମୋବାଇଲ ବ୍ୟବହାର କରିବା ଯୋଗୁଁ ତାଙ୍କ ଉପରେ ଖରାପ ପ୍ରଭାବ ପଡିଛି। ରାମାୟଣର କଥାବସ୍ତୁକୁ ନେଇ ପିଲାମାନଙ୍କୁ ମୋବାଇଲଠାରୁ ଦୂରେଇ ରହିବା ନେଇ ପରାମର୍ଶ ଦେଇଛନ୍ତି ବିଶିଷ୍ଟ ସାହିତ୍ୟିକ, ପ୍ରାବନ୍ଧିକ ତଥା ସ୍ତମ୍ଭକାର ଦାଶ ବେନହୁର। ରାଜନଗର ବ୍ଲକର ସାନବଡଗୋପାଳପୁରଠାରେ ଥିବା ଶିବାନନ୍ଦ ବିଦ୍ୟାମନ୍ଦିରର ୨୪ତମ ବାର୍ଷିକ ଉତ୍ସବରେ ମୁଖ୍ୟବକ୍ତା ଭାବେ ବେନହୁର ଯୋଗଦେଇ ଏହା କହିବା ସହ ମାତାପିତା ଶିଶୁଙ୍କୁ ଗଢି ତୋଳିବାରେ ଶୃଙ୍ଖଳାଗତ ଶିକ୍ଷା ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଦିଲୀପ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ଦିବ୍ୟ ଜୀବନ ସଂଘର ସ୍ୱାମୀ ଶ୍ରୀନିବାସାନନ୍ଦ ସରସ୍ୱତୀ ମୁଖ୍ୟଅତିଥି, ରାଜନଗର ଥାନା ଆଇଆଇସି ସମ୍ମାନୀତ ଅତିଥି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଶ୍ରୀକାନ୍ତ ନାରାୟଣ ଦାସ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଶିବାନନ୍ଦଙ୍କ ନୀତି ଆଦର୍ଶରେ ଚାଲୁଥିବା ବିଦ୍ୟାଳୟରେ ନୀତିଗତ ଓ ସଂସ୍କାରଗତ ଶିକ୍ଷା ପିଲାମାନଙ୍କ ପାଇଁ ଉପଯୋଗୀ ହୋଇପାରିଛି ବୋଲି କହିଥିଲେ। ଗୁରୁଜୀ ଅସୀମ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ଅଧକ୍ଷ ସର୍ବେଶ୍ୱର ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ସୁଚିତ୍ରା ବେହେରା ଧନ୍ୟବାଦ ଦେଇଥିବା ବେଳେ ଶିକ୍ଷକ ବୀର କିଶୋର ପଣ୍ଡା, ଅସୀତ କୁମାର ତ୍ରିପାଠୀ, ମହେଶ୍ୱର ସେଠୀ, ଗୁରୁମା ପଙ୍କଜିନୀ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ବିଜୁ କନ୍ୟାରତ୍ନ ଯୋଜନା: କିଶୋରୀଙ୍କୁ ସମ୍ମାନପତ୍ର ପ୍ରଦାନ

ରାଜନଗର, ୧୩ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ସମ୍ମିଳନୀ କକ୍ଷରେ ବିଜୁ କନ୍ୟାରତ୍ନ ଯୋଜନା ଅଧୀନରେ କିଶୋରୀମାନଙ୍କୁ ସମ୍ବର୍ଦ୍ଧନା ଓ ମାନପତ୍ର ପ୍ରଦାନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଓ ଶିଶୁ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଯୋଜନାରେ ବ୍ଲକରେ ୨୯ ପଞ୍ଚାୟତର ୧୦୦ଜଣ କିଶୋରୀଙ୍କ ମଧ୍ୟରେ ପୁଚି, ଦୌଡିଡିଆଁ ଓ ହୁଳହୁଳି ପ୍ରତିଯୋଗିତା କରାଯାଇଥିଲା। ରାଜନଗର ସିଡିପିଓ ସୁବାଷିନୀ ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ମୁଖ୍ୟବକ୍ତା ଭାବେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ରଶ୍ମୀ ରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଭାବେ ରାଜନଗର ବିଇଓ ମନୋରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ କନ୍ୟାରତ୍ନଙ୍କ ଯତ୍ନ ନେବା ସହ ସେମାନଙ୍କ ଭୌତିକ ବିକାଶ, କନ୍ୟା ଭ୍ରୁଣହତ୍ୟା ଭଳି ମାନସିକକୁ ଦୂର କରିବାକୁ ଦମ୍ପତି ଯତ୍ନବାନ ହେବା ଦରକାର। ବିଜୁ କନ୍ୟାରତ୍ନ ଯୋଜନାର ସଂଯୋଜକ ଅନନ୍ତ କିଶୋର ବେହେରା ଏହାର ସୁଦୂର ପ୍ରସାର ଆଭିମୁଖ୍ୟ ଉପରେ ମତ ରଖିଥିଲେ।

## ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ କାୟାକଳ୍ପ ଟିମ୍

ମାର୍ଶାଘାଇ, ୧୩ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)



ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାଗଳ୍ପ ଟିମ୍‌ର ସଦସ୍ୟମାନେ ବୁଲି ଦେଖୁଛନ୍ତି।

ସ୍ୱଚ୍ଛତା, ଗୁଣବତ୍ତା ନିରୂପଣ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେବା ପାଇଁ ଶୁକ୍ରବାର ଅପରାହ୍ନରେ କାୟାକଳ୍ପ ଟିମ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ଡା. ପ୍ରଶାନ୍ତ କୁମାର ହୋତାଙ୍କ ନେତୃତ୍ୱରେ ଡା. ବାଲଚନ୍ଦ୍ରନ ବିଏଲ ଓ ଡା. ଅନିଲ ପଟ୍ଟନାୟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି କ୍ୟାମ୍ପସ ବୁଲି ଦେଖିଥିଲେ। ପରେ ଆଉଟ ଡୋର, ପ୍ରସୂତି ଗୃହ, ଅସ୍ତ୍ରୋପଚାର ଗୃହ ସମନ୍ୱିତ ପରୀକ୍ଷାଗାର, ଟୀକା କେନ୍ଦ୍ର, ରୋଗୀ ପ୍ରତୀକ୍ଷାଳୟ ବୁଲିବା ସହ ରୋଗୀମାନଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟତଃ ସେମାନେ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। କ'ଣ ଅଭାବ ଅସୁବିଧା ରହିଛି ତାହା ପଚାରି ବୁଝିଥିଲେ। ଏହି ଗସ୍ତ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡା. ପ୍ରଦୀପ କୁମାର ଦାସ, ବିପିଏମ ହିମାଦ୍ରୀ ମହାରଥୀ, ଫାର୍ମାସିଷ୍ଟ ଦୁର୍ଗା ଚରଣ ସୋରେନଙ୍କ ସମେତ ଡାକ୍ତର, ନର୍ସମାନେ ଉପସ୍ଥିତ ଥିଲେ।

# ହ୍ୱିଲ୍ ଚେୟାର ମଧ୍ୟ ବଡ଼ ହେବାର ସ୍ୱପ୍ନ ଦେଖାଏ

କେନ୍ଦ୍ରାପଡ଼ା, ୧୩ (ଜଗନ୍ନାଥ ଧଳ)


ହ୍ୱିଲ ଚେୟାରରେ ବସି ଭିନ୍ନକ୍ଷମମାନେ ଖେଳୁଛନ୍ତି।

ମନୋବଳ ସମ୍ମୁଖରେ ଚଳତଶକ୍ତି ହୀନତା ହାର ମାନେ। ଏହାକୁ ଏହି ବର୍ଗର ଭିନ୍ନକ୍ଷମମାନେ ଶୁକ୍ରବାର କାର୍ଯ୍ୟରେ ଦେଖାଇଛନ୍ତି। କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ୩୦ଜଣ ଚଳତ ଶକ୍ତି ହୀନତା ଶିକାର ହୋଇଥିବା ବ୍ୟକ୍ତିମାନେ ବାସ୍କେଟବଲ ଖେଳି ନିଜର ପାରଦର୍ଶିତା ଦେଖାଇଛନ୍ତି। ମାର୍ଚ୍ଚ ୧ ତାରିଖ ଆନ୍ତର୍ଜାତୀୟ ବିଶ୍ୱ ହ୍ୱିଲ ଚେୟାର ଦିବସ ଅବସରରେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ନିର୍ଦ୍ଦେଶକ ଜିଲା ପ୍ରଶାସନ ପକ୍ଷରୁ ଏହି ବାସ୍କେଟ ବଲ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଓ ବାହାର ଜିଲାର ୩୦ ପ୍ରତିଯୋଗୀ ଭାଗ ନେଇ ଥିଲେ। ୨ଟି ଟିମ ମଧ୍ୟରେ ପ୍ରତିଯୋଗିତା ହୋଇଥିଲାବେଳେ ବି ଟିମ୍ ଏ ଟିମକୁ ୩-୨ରେ ହରାଇଥିଲେ। ଏସମ୍ପର୍କରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଦାସ କହିଛନ୍ତିଯେ ଏହି ଦିବସ ପାଳନ ପାଇଁ ଜିଲାରେ ପ୍ରଥମଥର ଭିନ୍ନକ୍ଷମଙ୍କ ବାସ୍କେଟ ବଲ ପ୍ରତିଯୋଗିତି ହୋଇଥିଲା। ସେମାନଙ୍କ ମନୋବଳ ସମ୍ମୁଖରେ ଖେଳିବାର ଆଗ୍ରହ ସମସ୍ତଙ୍କୁ ଚମତ୍କୃତ କରିଛି। ଏଥିସହି ଜିଲା ପ୍ରଶାସନ ପକ୍ଷରୁ ସଚେତନତା ରାଲି, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଡା. ବିରଜା ରାଉତରାୟଙ୍କ ମାଧପୁରସ୍ଥିତ ପୁର୍ନବାସ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ମଧ୍ୟନ ଜିଲାସ୍ତରୀୟ ଦିବସ ପାଳନ ଉତ୍ସବରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳୀ ସେଠୀ, ଜାତୀୟ ମହିଳା ବାସ୍କେଟ ଦଳ ଅଧିନାୟକ ସୁନିତା ପରିଡା, ଡ. ବିରଜା ରାଉତରାୟ ପ୍ରମୁଖ ସମ୍ମାନୀତ ଅଥିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଭାଗୀୟ କର୍ମଚାରୀ, ସ୍ୱେଚ୍ଛାସେବୀମାନେ ପରିଚାଳନା କରିଥିବା ସାମାଜିକ ସୁରକ୍ଷା ଅଧିକାରୀ ଦାସ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଚାକିରି ନାଁରେ ଠକେଇ ମାମଲା, ୨ ଅଭିଯୁକ୍ତ ନିର୍ଦ୍ଦୋଷ

ଭଞ୍ଜନଗର,୧।୩ (ବାବୁଲା ପ୍ରଧାନ):

୨୦୨୩ ମସିହା ମାର୍ଚ୍ଚ ମାସରେ ଚାକିରି ଦେବା ନାଁରେ ଠକେଇ ଘଟଣା ହଇଚଇ ସୃଷ୍ଟି କରିଥିଲା। ଏହି ମାମଲାରେ ଭଞ୍ଜନଗର ଅଞ୍ଚଳର ମଧ ଦୁଇଜଣ ଯୁବକ ଗିରଫ ହୋଇଥିଲେ। ଉକ୍ତ ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଭଞ୍ଜନଗର ଜେଏମଏଫସି ସନ୍ଧ୍ୟା ସୁଚରିତା ଆବଶ୍ୟକ ପ୍ରମାଣ ଅଭାବରୁ ଦୁଇଜଣ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସେମାନେ ହେଲେ ଲଣ୍ଡେଇସାହିର ଅବିନାଶ ଆଚାର୍ଯ୍ୟ ଓ ଶୁଭମ ପ୍ରଧାନ। ଅଭିଯୋଗରୁ ପ୍ରକାଶ ଯେ, ଅବିନାଶ ଓ ଶୁଭମ ଭଞ୍ଜନଗର ଅଞ୍ଚଳର ଦୁଇ ଜଣଙ୍କ ଠାରୁ ଟଙ୍କା ନେଇ ଚାକିରି କରାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଯେଉଁମାନେ ଟଙ୍କା ଦେଇଥିଲେ ସେମାନଙ୍କ ଚାକିରି ହୋଇପାରିନଥିଲା। ଫଳରେ ଦୁଇଜଣ ଚାକିରି ଆଶାୟୀଙ୍କ ଅଭିଭାବକମାନେ ସେମାନଙ୍କ ବିରୁଦ୍ଧରେ ଅଭିଯୋଗ କରିଥିଲେ। ଭଞ୍ଜନଗର ପୋଲିସ ସେ ସମୟରେ ଦୁଇଟି ପୃଥକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା। ବୁଧବାର ଉକ୍ତ ମାମଲାର ରାୟ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ପାର୍ଥ ସାରଥୀ ଗୌଡ ଏବଂ ମୁଦାଲାମାନଙ୍କ ପକ୍ଷରୁ ବିଦ୍ୟାଧର ଷଡ଼ଙ୍ଗୀ, ପୀତବାସ ବିଷୋୟୀ, ଚନ୍ଦ୍ରମଣି ମହାପାତ୍ର ମକଦ୍ଦମା ପରିଚାଳନା କରୁଥିଲେ।

### ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ଧରାକୋଟ,୧।୩(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତରଫରୁ ଶୁକ୍ରବାର ଧରାକୋଟ ବ୍ଲକ କାର୍ଯ୍ୟାଳୟ ପରିସରରେ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଏବିଡିଓ ସୁଶିଲ ପଟ୍ଟନାୟକଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ଏବଂ ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ମନୋଜ କୁମାର ସାହୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୩୫ଜଣ ଅବିବାହିତ, ୫ ଜଣ ସ୍ୱାମୀ ପରିତ୍ୟକ୍ତା, ୧୦୭ ଜଣ ଭିନ୍ନକ୍ଷମ, ୧୬୧ ଜଣ ବିଧବା ଓ ୧୦୯୯ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରାଯାଇଥିଲା। ବିଭାଗୀୟ କର୍ମଚାରୀ ଧିରେନ ଗୌଡ଼ ଓ ବାବୁ ବେହେରା ଏଥିରେ ସହଯୋଗ କରିଥିଲେ।

### ଜେଇଇ ମେନ୍‌ରେ ଆଦର୍ଶ ବିଦ୍ୟାଳୟ ଛାତ୍ରଙ୍କ ସଫଳତା

ଶେରଗଡ଼, ୧।୩(ସୂର୍ଯ୍ୟନାରାୟଣ ଦାଶ):

ଶେରଗଡ ଆଦର୍ଶ ବିଦ୍ୟାଳୟର ଛାତ୍ର ବବୁଲ ପ୍ରଧାନ ଜେଇଇ ମେନ୍ ସେସନ୍-୧ ପ୍ରବେଶିକା ପରୀକ୍ଷାରେ ୯୯.୧୪ ସ୍କୋର ରଖି ଗୌରବ ଆଣିଛନ୍ତି। ବବୁଲ ଆଦର୍ଶ ବିଦ୍ୟାଳୟରେ ଭଲ ନମ୍ବର ରଖିଥିବା ବେଳେ ତାଙ୍କୁ ରାଜ୍ୟ ସରକାରଙ୍କ ଆଦର୍ଶ ବିଦ୍ୟାଳୟ ସଂଗଠନ ପକ୍ଷରୁ ଆଇକନିକ ଆଦର୍ଶ ବିଦ୍ୟାଳୟ ଭୁବନେଶ୍ୱରରେ ପାଠପଢା ସହ ଯୁଗ୍ମ ପ୍ରବେଶିକା ପରୀକ୍ଷା ପାଇଁ ସ୍ୱତନ୍ତ୍ର କୋଚିଂ ଦିଆଯାଉଥିଲା। ଏହି ସଫଳତା ହାସଲ ପରେ ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ସରପଞ୍ଚ ରାମ ରାଘବ ପାତ୍ର, ଅନିଲ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ମଳିକ, ବିଡିଓ ଶିବାଶିଷ ବରାଳ, ତହସିଲଦାର ତ୍ରିଦେବ ରଥ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଗୁଣି ଗାରେଡ଼ିକୁ କେନ୍ଦ୍ରକରି ଯୁବକଙ୍କୁ ହତ୍ୟା

କବିସୂର୍ଯ୍ୟନଗର, ୧।୩ (କୃପାସିନ୍ଧୁ ସ୍ୱାଇଁ):

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଗଙ୍ଗାପୁର ପଞ୍ଚାୟତ ବଡଆଗୁଳ ଗ୍ରାମ ତଳସାହିରେ ଗୁଣି ଗାରେଡ଼ି ସନ୍ଦେହରେ ଜଣେ ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ତ୍ରିଲୋଚନ ପ୍ରଧାନ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଅଭିଯୁକ୍ତ ସେହି ଗ୍ରାମର କୈଳାସ ସ୍ୱାଇଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ତଳସାହିରେ ଉଭୟ ତ୍ରିଲୋଚନ ଓ କୈଳାସ ପରସ୍ପର ସାମ୍ନାସାମ୍ନି ରୁହନ୍ତି। କୈଳାସ କିଛି ବର୍ଷ ତଳେ ତ୍ରିଲୋଚନଠାରୁ କିଛି ଟଙ୍କା କରଜ ନେଇଥିଲେ। ଠିକ ସମୟରେ ଫେରାଇ ନ ଥିବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ଅନ୍ୟ ଏକ କାରଣ ଯେ, କୈଳାସଙ୍କର ଗୋଟିଏ ଝିଅ ଓ ଗୋଟିଏ ପୁଅ ଥିଲେ। ପୁଅ ଧିରେନଙ୍କ ସ୍ୱାସ୍ଥ୍ୟବସ୍ଥା କେବେ ବି ଭଲ ରହୁ ନ ଥିଲା। ଏଥିପାଇଁ ସେ ଗୁଣିଗାରେଡ଼ି ସହାୟତା ନେଇଥିଲା।



ପୋଲିସ ତଦନ୍ତ କରୁଛି।



ମୃତ ତ୍ରିଲୋଚନଙ୍କ ଫାଇଲ୍ ଫଟୋ

**ଖଣ୍ଡା ଜବତ, ଅଭିଯୁକ୍ତ ଗିରଫ**

ତେବେ ଗୁଣିଆ ନିଜ ପାଖ ଲୋକ, ପାଖ ଘର ଲୋକ ଧୀରେନଙ୍କୁ ଗୁଣି କରିଥିବା ସେ କହିଥିଲେ। ଏହି କାରଣରୁ କୈଳାସ ଗାଁ ଛାଡି କିଛିମାସ ହେଲା ବ୍ରହ୍ମପୁରରେ ଘରଭଡ଼ା ନେଇ ରହିଆସୁଥିଲେ। ତେବେ ଗୁଣିଗାରେଡ଼ି ସନ୍ଦେହ କରି ପ୍ରତିଶୋଧ ନେବା ପାଇଁ ଗୁରୁବାର କୈଳାସ ନିଜ ଗାଁ ବଡଆଗୁଳ ଆସିଥିଲେ। ରାତି ପ୍ରାୟ ୯ଟା ବେଳେ ଗ୍ରାମର ଅର୍ଜୁନ ପରିଡ଼ାଙ୍କ ଦୋକାନ ଆଗରେ ତ୍ରିଲୋଚନ ଠିଆ ହୋଇଥିଲେ। ଏହାର ସୁଯୋଗ ନେଇ କୈଳାସ ଘରୁ ଏକ ଖଣ୍ଡା ଆଣି ତ୍ରିଲୋଚନଙ୍କ ମୁଣ୍ଡକୁ, ହାତକୁ ଆଣି ପକାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ କୈଳାସ କବିସୂର୍ଯ୍ୟନଗର ଥାନାରେ ଆତ୍ମସମର୍ପଣ କରିଥିଲେ। ମୃତକଙ୍କ ଝିଅ ବାସନ୍ତୀଙ୍କ ଅଭିଯୋଗ ପ୍ରକାରେ ପୋଲିସ ନଂ ୧୪୨ରେ ମାମଲା ରୁଜୁ କରି ଅଭିଯୁକ୍ତ କୈଳାସଙ୍କୁ ଗିରଫ ଦର୍ଶାଇ କୋର୍ଟ ଚାଲାଣ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଆଇଆଇସି ସୁଧୀର କୁମାର ସାହୁ ସୂଚନା ଦେଇଛନ୍ତି।

# ପିତା ହତ୍ୟାକାରୀ ପୁତ୍ରଙ୍କୁ ଆଜୀବନ କାରାଦଣ୍ଡ

ଭଞ୍ଜନଗର/ସୋରଡ଼ା,୧।୩ (ବାବୁଲା ପ୍ରଧାନ/ଲମ୍ବୋଦର ପାଣିଗ୍ରାହୀ):

ଗଞ୍ଜାମ ଜିଲା ଭଞ୍ଜନଗର ଏଡିଜେ ଦେବଦତ୍ତ ପଟ୍ଟନାୟକ ଗୁରୁବାର ସୋରଡ଼ା କ୍ୟାମ୍ପ କୋର୍ଟରେ ଏକ ହତ୍ୟା ମାମଲାର ବିଚାର କରି ୨୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଜଣେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜୋରିମାନା ପକାଇଛନ୍ତି। ଜୋରିମାନା ଅର୍ଥ ଅନାଦେୟ ଅଧିକ ଏକ ବର୍ଷ କାରାଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଦଣ୍ଡିତ ଅଭିଯୁକ୍ତ ହେଲେ ବଡ଼ଗଡ଼ ଥାନା ଅନ୍ତର୍ଗତ କୁମରବନ୍ଧ ଗ୍ରାମର ବିଶାଲ ଗମାଙ୍ଗ। ପ୍ରକାଶ ଯେ ଏଡୁଙ୍ଗ ଗମାଙ୍ଗଙ୍କ ପ୍ରଥମ ସ୍ତ୍ରୀର ପୁତ୍ର ହେଉଛନ୍ତି ବିଶାଳ। ତେଣୁ ବାପ ପୁଅ ମଧ୍ୟରେ କୌଣସି କାରଣରୁ ବିବାଦ ଲାଗି ରହିଥିଲା। ୨୦୧୬ ମେ ୨୨ରେ ଗରମ ଯୋଗୁଁ ଏଡୁଙ୍ଗ ଘର ବାରଣ୍ଡାରେ ଶୋଇଥିଲେ। ରାତିରେ ବିଶାଲ ଏକ ଧାରୁଆ ଅସ୍ତ୍ରରେ ବାପା ଏଡୁଙ୍ଗଙ୍କୁ ହତ୍ୟା କରିଥିଲେ। ସେ ସମୟରେ ଏଡୁଙ୍ଗଙ୍କ ଦ୍ୱିତୀୟ ସ୍ତ୍ରୀ ମାର୍ଥା ଗମାଙ୍ଗ ବଡଗଡ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ବିଶାଲଙ୍କୁ ସେ ସମୟରେ ଗିରଫ କରିଥିଲେ। ଘଟଣା ପରଠୁ ଅଭିଯୁକ୍ତ ଜେଲରେ ବନ୍ଦୀ ଜିବନ ବିତାଉଥିବା ବେଳେ ଶୁକ୍ରବାର ତାହାର ରାୟ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ଭଞ୍ଜନଗର ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଉଷାକାନ୍ତ ପଟ୍ଟନାୟକ ଏବଂ ମୁଦାଲାଙ୍କ ପକ୍ଷରୁ କାଳୀଚରଣ ପାଢ଼ୀ ମକଦ୍ଦମା ପରିଚାଳନା କରୁଥିଲେ।

# ସ୍କୁଲ ଲାଗି ରାସ୍ତା ଅଭାବ, ଜିଲାପାଳଙ୍କୁ ଦାବିପତ୍ର



ସ୍ମାରକପତ୍ର ଦେବାକୁ ଯାଉଛନ୍ତି

ଛତ୍ରପୁର,୧।୩ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଗଞ୍ଜାମ ଜିଲା ପାତ୍ରପୁର ତହସିଲ ଅନ୍ତର୍ଗତ ମନ୍ଦରଡ଼ା ଗ୍ରାମର ୨୦୦୯ରୁ ସ୍କୁଲ ହୋଇଛି। କିନ୍ତୁ ସ୍କୁଲକୁ ଯିବା ଆସିବା ପାଇଁ ଯେତିକି ଜାଗାର ଆବଶ୍ୟକ ରହୁଛି ତାହା ନାହିଁ। ଅନ୍ୟ ଲୋକମାନେ ରାସ୍ତା ଦାନ କରିବା ପାଇଁ ଚାହୁଁଛନ୍ତି, କିନ୍ତୁ ପାତ୍ରପୁର ରାଜସ୍ୱ ନିରୀକ୍ଷକ ଖାରିଆଗୁଡ଼ା ଜାଗା ଚିହ୍ନଟ କରିବାରେ ସାହାଯ୍ୟ କରୁନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜାଗାକୁ ଚିହ୍ନଟ କରିବା ପାଇଁ ପାତ୍ରପୁର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇ ଚିହ୍ନଟ କରାଇ ଜାଗା ହସ୍ତାନ୍ତର କରିବା ପାଇଁ ଏମାନେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

# ନବୀନଙ୍କୁ କୃତଜ୍ଞତା ଜଣାଇଲେ ଛତ୍ରପୁରବାସୀ

ଛତ୍ରପୁର, ୧।୩((ଦିଲୀପ ସାମଲ):

ଦୀର୍ଘଦିନ ପରେ ଛତ୍ରପୁରବାସୀଙ୍କ ଦାବିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଣିଛନ୍ତି। ୧୯୫୫ ମସିହାରେ ଗଠନ ହୋଇଥିବା ଛତ୍ରପୁର ଏନଏସିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫେବୃଆରୀ ୨୪ ତାରିଖରେ ମ୍ୟୁନିସିପାଲିଟିର ମାନ୍ୟତା ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱ ଏବଂ ଛତ୍ରପୁର ଏନଏସି ଉପାଧ୍ୟକ୍ଷା ଜି. ପାପା ରାଓଙ୍କ ନେତୃତ୍ୱରେ ବହୁସଂଖ୍ୟକ ସହରବାସୀ, ଜନପ୍ରତିନିଧି, ଆଇନଜୀବୀ, ବୁଦ୍ଧିଜୀବୀ ଏବଂ ମିଶନ ଶକ୍ତିର ମା'ମାନେ ନବୀନ ନିବାସରେ ପହଞ୍ଚି ସେଠାରେ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଧନ୍ୟବାଦ ଜଣାଇବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୀର୍ଘାୟୁ କାମନା କରିଛନ୍ତି। ଛତ୍ରପୁର ଏନଏସି କାଉନସିଲର ଦେବାଶିଷ ମିଶ୍ର, ପ୍ରୀତିଛନ୍ଦା ସାମଲ, ସନ୍ତୋଷୀ ସେଠି, ମମତା ପାତ୍ର, ବି. ନିଶ୍ଚଳା ଓ ସୁମନ୍ତ ନାହାକ, ଯୁବ ବିଜେଡି ଛତ୍ରପୁର ନିର୍ବାଚନ ମଣ୍ଡଳୀର ସଭାପତି ସନ୍ମୁଖ ପଟ୍ଟନାୟକ, ଯୁବ ବିଜେଡି ବ୍ଲକ ଉପସଭାପତି କାହ୍ନୁଚରଣ ବେହେରା, ସରକାରୀ ଓକିଲ ସୀମାଞ୍ଚଳ ମହାପାତ୍ର, ବିଜୟକୃଷ୍ଣ ପଟ୍ଟନାୟକ, ସୁରେଶ ପଣ୍ଡା ଓ ଭୈରବୀ କୁମାର ପଟ୍ଟନାୟକ, ଛତ୍ରପୁର ପର୍ଯ୍ୟବେକ୍ଷକ ନାରାୟଣ ଜେନାଙ୍କ ସମେତ ବହୁ ବୁଦ୍ଧିଜୀବୀ, ବିଜୁ ଆଇନ ସାମ୍ମୁଖ୍ୟର ବହୁ ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



ନବୀନ ନିବାସରେ ଛତ୍ରପୁରବାସୀ

### ବସ୍ତି ଅଞ୍ଚଳର ଉନ୍ନତୀକରଣ

ଆସିକା, ୨।୧୨ (ସୁରେନ୍ଦ୍ରନାଥ ସାହୁ):

ଆସିକା ଏନ୍‌ଏସିର ୪ଟି ବସ୍ତି ଅଞ୍ଚଳରେ ସହରାଞ୍ଚଳ ରୂପାନ୍ତରଣ ଯୋଜନାରେ ହୋଇଥିବା ବିଭିନ୍ନ ଉନ୍ନତୀକରଣ କାର୍ଯ୍ୟ ଗୁରୁବାର ଉଦ୍‌ଘାଟିତ ହୋଇଥିଲା। ଏନଏସି ଅଧକ୍ଷା ବିନେତା ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ଏମପି. ପ୍ରମିଳା ବିଷୋୟୀ,ବିଧାୟିକା ମଞ୍ଜୁଳା ସ୍ୱାଇଁ, ପାନୀୟ ଜଳ ଯୋଗାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ କାଳି ଚରଣ ପଣ୍ଡା, ଏନଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ ଉପସ୍ଥିତ ଥିଲେ। ବିଜୁ ଆଦର୍ଶ କଲୋନୀ ଯୋଜନାରେ ବିଭିନ୍ନ ବସ୍ତିରେ ରାସ୍ତାଘାଟ, ନାଳନର୍ଦ୍ଦମା, ଗୋଷ୍ଠୀ ଗୃହ, ପାନୀୟ ଜଳ ଯୋଗାଣ ଆଦି ବ୍ୟବସ୍ଥା କରାଯାଇଥିବା ନିର୍ବାହୀ ଅଧିକାରୀ ବେଜ ସୂଚନା ଦେଇଛନ୍ତି।

# ବିଦାୟକାଳୀନ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧିତ କରାଯାଉଛି ।

ବୁଗୁଡା,୧।୩(କାଳି ଚରଣ ଦାଶ)

ବୁଗୁଡ଼ା ଏନ୍‌ଏସି କାର୍ଯ୍ୟାଳୟ କର୍ମଚାରୀ ସଂଘ ସଭାପତି ପୀତବାସ ପ୍ରଧାନଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସଂଘ ଉପସଭାପତି ଜଗଦୀଶ ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଏନ୍‌ଏସି ଅଧକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧକ୍ଷା ଗୀତାଞ୍ଜଳି, ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ତହସିଲଦାର ସୁନନ୍ଦ ଶେଖର ସାହାଣୀ, ବରିଷ୍ଠ କର୍ମଚାରୀ ସନ୍ତୋଷ କୁମାର ପଣ୍ଡାଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଦାୟୀ କର୍ମଚାରଙ୍କୁ ଉପଢୌକନ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

# ମୁକ୍ତା ଯୋଜନା ଦକ୍ଷତା ବିକାଶ ତାଲିମ

ବୁଗୁଡା,୧।୩(କାଳି ଚରଣ ଦାଶ)

ବୁଗୁଡ଼ା ଏନ୍‌ଏସି କଲ୍ୟାଣ ମଣ୍ଡପ ପରିସରରେ ମୁକ୍ତା ଯୋଜନାର ସଫଳ ରୂପାୟନ ନିମନ୍ତେ ଦକ୍ଷତା ବିକାଶ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଦିନିକିଆ ଏହି ଶିବିରରେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କ ସମେତ ମାଷ୍ଟର ଟ୍ରେନର ଉଷାରାଣୀ ମହାପାତ୍ର ଓ ସସ୍ମିତା ମିଶ୍ର ଅଂଶ ଗ୍ରହଣ କରିଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗୀୟ ଯୁଗ୍ମ ସଚିବ ସାରଦା ପ୍ରସାଦ ପଣ୍ଡା ଭିଡିଓ କନଫରେନ୍ସ ମାଧମରେ ଏହି ତାଲିମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜଣାଇଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏସି ଅଧକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧକ୍ଷା ଗୀତାଞ୍ଜଳି ପାଢୀ, ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ତହସିଲଦାର ସୁନନ୍ଦ ଶେଖର ସାହାଣୀ, ୱାର୍ଡ ୧୩ର କାଉନସିଲର ବବୁ ପ୍ରଧାନ, ପ୍ରୋଜେକ୍ଟ କୋ-ଅର୍ଡିନେଟର ସର୍ବେଶ୍ୱର ବାରିକ, ସାନିଟେସନ ଏକ୍ସପର୍ଟ ମୁନା ଗୌଡ ପ୍ରମୁଖ ଯୋଗଦେଇ ମୁକ୍ତା ଯୋଜନା ସମ୍ପର୍କରେ ନିଜ ଅଭିଭାଷଣ ରଖିଥିଲେ।



ତାଲିମ ଶିବିରରେ ଉପସ୍ଥିତ ଏସଏଚଜି ସଭ୍ୟା ଓ ଅନ୍ୟମାନେ।

### ଅଲାରିଗଡ଼, ବରମୁଣ୍ଡଲୀରେ ଆମ ବ୍ୟାଙ୍କ ଶୁଭାରମ୍ଭ

ଶେରଗଡ, ୧।୩(ସୂର୍ଯ୍ୟନାରାୟଣ ଦାଶ):

ଶେରଗଡ଼ ବ୍ଲକ ଅଲାରିଗଡ଼ ପଞ୍ଚାୟତ ଗୃହ ଓ ବରମୁଣ୍ଡଲୀ ପଞ୍ଚାୟତ ଗୃହରେ ଆମ ବ୍ୟାଙ୍କ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ଜରିଆରେ ଶୁଭାରମ୍ଭ କରିଥିଲେ। ଅଲାରିଗଡ଼ଠାରେ ସରପଞ୍ଚ ସାରସ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ଦିଗାମ୍ବର ନାହାକ, ସେହିପରି ବରମୁଣ୍ଡଲୀଠାରେ ସରପଞ୍ଚ କାଳୁ ସାହୁ, ଶିଶିର କୁମାର ସାହୁ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ। ଏହି ବ୍ୟାଙ୍କ ହେବା ଦ୍ୱାରା ଲୋକମାନେ ନିଜର ହାତ ପାହାନ୍ତାରେ ବ୍ୟାଙ୍କ ସେବା ମିଳିବ।

### ଭତ୍ତା ପାଇଲେ ୧୭୫୦ ନୂଆ ହିତାଧିକାରୀ

ଶେରଗଡ, ୧।୩(ସୂର୍ଯ୍ୟନାରାୟଣ ଦାଶ):

ଶେରଗଡ ବ୍ଲକର ୨୨ ପଞ୍ଚାୟତର ୧୭୫୦ ଜଣ ନୂଆ ମଧୁବାବୁ ପେନସନରେ ସାମିଲ ହୋଇଛନ୍ତି। ଶୁକ୍ରବାର ଏହି ନୂଆ ହିତାଧିକାରୀମାନଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଉକ୍ତ ଭତ୍ତାଧାରୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି।

# ଏବିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଧରାକୋଟ,୧।୩(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ (ଏବିଇଓ) ତଥା ବିଆରସିସି ପ୍ରଦୀପ କୁମାର ହୋତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିଲାଗି ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ବ୍ଲକ ମିଳିତ ଶିକ୍ଷକ ସଂଘ ତରଫରୁ ଆୟୋଜିତ ସଭାରେ ବିଇଓ ଲିଙ୍ଗରାଜ ସ୍ୱାଇଁ, ଏବିଇଓ ପ୍ରଦୀପ କୁମାର ଶତପଥୀ, ଉମା ଚରଣ ପାଣିଗ୍ରାହୀ, ବିଆରଟି ସୀତାକାନ୍ତ ପଣ୍ଡା,ମୁଖ୍ୟ କିରାଣି ଜୟଦେବ ମୃଦଙ୍ଗିଆ,ଶିକ୍ଷକ ସଂଘ ତରଫରୁ ଶୁକ୍ରୁ ବେହେରା, ସୁରେଶ ଚନ୍ଦ୍ର ପାଣିଗ୍ରାହୀ,ରାଜେନ୍ଦ୍ର ଗୌଡ଼ ପ୍ରମୁଖ ଉପସ୍ଥିତ ରହି ବିଦାୟୀ ଏବିଇଓଙ୍କ ସୁଖ, ନିରାମୟ ଓ ଦୀର୍ଘ ଜୀବନ କାମନା କରିଥିଲେ। ଶିକ୍ଷୟିତ୍ରୀ ଗୀତାଞ୍ଜଳି ବେହେରା ହୋତାଙ୍କ କର୍ମମୟ ଜୀବନୀକୁ କବିତା ମାଧ୍ୟମରେ ପାଠ କରିଥିଲେ। ଶେଷରେ କାର୍ଯ୍ୟାଳୟର କର୍ମଚାରୀ ଓ ଶିକ୍ଷକମାନଙ୍କ ତରଫରୁ ହୋତାଙ୍କୁ ଭାବପୂର୍ଣ୍ଣ ବିଦାୟ ଦିଆଯାଇଥିଲା ।

# ମନ୍ଦିର ପ୍ରତିଷ୍ଠା ଉତ୍ସବ ପୂର୍ଣ୍ଣାହୁତି

ଆସିକା,୧।୩ (ସୁରେନ୍ଦ୍ରନାଥ ସାହୁ)

ଆସିକା ବ୍ଲକ ଗୁଣ୍ଠପଡା ପଞ୍ଚାୟତ ରାଇପଲ୍ଲୀ ଗ୍ରାମରେ ଗତ ସୋମବାରଠାରୁ ଚାଲିଥିବା ଗୋପିନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଉଦଯାପିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଧରାକୋଟ ରାଜା ତଥା ବ୍ଲକ ଅଧକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ଯୋଗଦେଇ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ। ବରିଷ୍ଠ କର୍ମକାଣ୍ଡ ବିଶାରଦ ଅଶୋକ କୁମାର ପାଢୀଙ୍କ ପୌରହିତ୍ୟରେ ଏହି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ କର୍ତ୍ତା ଭାବେ ବାଲାଜୀ ସ୍ୱାଇଁ ଓ ନାମଯଜ୍ଞ କର୍ତ୍ତା ଭାବେ ରାଜେନ୍ଦ୍ର ସ୍ୱାଇଁ ଅଧିଷ୍ଠିତ ହୋଇଥିଲା। ଗୁଣ୍ଠପଡା ସମିତିସଭ୍ୟ ନାରାୟଣ ସ୍ୱାଇଁ, ମନ୍ଦିର ପରିଚାଳନା ଓ ଗ୍ରାମ କମିଟି ସଭାପତି ଜହରଲାଲ ସ୍ୱାଇଁ, କୃତିବାସ ମହାନ୍ତି, କାହ୍ନୁଚରଣ ସ୍ୱାଇଁ, ରତ୍ନାକର ସିଅ, ବିଜୟ ନାହାକ, ଗୋପିନାଥ ଦାସ, ପ୍ରକାଶ ସିଅ ପ୍ରମୁଖଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ହୋଇଥିଲା।

# ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର



ପ୍ରକଳ୍ପ ଶିଳାନ୍ୟାସ କରୁଛନ୍ତି ମନ୍ତ୍ରୀ।

ଚିକିଟି,୧।୩(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଅଞ୍ଚଳକୁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଶୁକ୍ରବାର ଗସ୍ତ କରି ଏକ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପୂର୍ତ୍ତ ବିଭାଗ ଅଧୀନରେ ୬.୮୦୦ କି.ମିର ଏହି ରାସ୍ତା ପାଇଁ ୧୪ କୋଟି ୧ ଲକ୍ଷ ଟଙ୍କା ବ୍ୟୟ ହେବ। ବ୍ରାହ୍ମଣ ନୂଆପଡା ଠାରୁ ବାଲାଜୀ ମହାବିଦ୍ୟାଳୟ ଛକଦେଇ ପତିଗୋବିନ୍ଦପୁର, ଗଡ଼ଗୋବିନ୍ଦପୁର ପର୍ଯ୍ୟନ୍ତ ଚଉଡ଼ା ହେବ। କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ସ୍ୱରାଜ ପାଣିଗ୍ରାହୀ, ଏସଡିଓ ବୀରେନ୍ଦ୍ର କୁମାର ଖୁର, ନୂଆପଡା ପଞ୍ଚାୟତ ସରପଞ୍ଚ ବି ସନମୁଖ, ଚାନ୍ଦପୁର ଓ ଲାଲମେଣ୍ଟା ପୂର୍ବତନ ସରପଞ୍ଚ ମନୋଜ କୁମାର ସାହୁ ଓ ବାରିକ ପ୍ରଧାନ, ବ୍ରହ୍ମପୁର ଏମପି ପ୍ରତିନିଧି ବି କୃଷ୍ଣମୂର୍ତ୍ତି, ଚିକିଟି ନିର୍ବାଚନୀ ମଣ୍ଡଳୀର ବରିଷ୍ଠ ଯୁବନେତା ସୁରେନ୍ଦ୍ର ମଣ୍ଡଳ ଓ ଅଞ୍ଚଳର ବିଜେଡି ଯୁବନେତା ଏସ. ଧାର୍ମାରାଜୁ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ମା' ରାମଚଣ୍ଡୀ ମହୋତ୍ସବ ଉଦ୍‌ଘାଟିତ

ଛତ୍ରପୁର/ ଗଞ୍ଜାମ, ୧।୩ (ସନ୍ତୋଷ ପାଢ଼ୀ/ ଦିଲୀପ ସାମଲ/ବିଦ୍ୟାଧର ସାହୁ):

ଛତ୍ରପୁର ଉପକଣ୍ଠସ୍ଥ ନୀଳାଦ୍ରିପୁର ଗ୍ରାମ ନିକଟରେ ଥିବା ପାହାଡ଼ ଉପରେ ଥିବା ପ୍ରସିଦ୍ଧ ଶକ୍ତି ପୀଠ ମା' ଶ୍ରୀରାମଚଣ୍ଡୀ ମନ୍ଦିରର ନୂତନ ମନ୍ଦିର ପ୍ରତିଷ୍ଠାର ପ୍ରଥମ ବାର୍ଷିକୋତ୍ସବ ଓ ରାମଚଣ୍ଡୀ ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ନାମଯଜ୍ଞ, ଘୃତଯଜ୍ଞ ଓ ଅନ୍ନଯଜ୍ଞ ଅନୁଷ୍ଠିତ ହେବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗ ସ୍ଥାନୀୟ କଳାକାରମାନଙ୍କୁ

**ବାଘ ନାଚ, ଓଡ଼ିଶୀ ନୃତ୍ୟରେ ଝୁମିଲେ ଦର୍ଶକ**



ଉଦଘାଟନ ଉତ୍ସବରେ ଯୋଗଦେଇଥିବା ଅତିଥି

ଉତ୍ସାହିତ କରିବା ସହ ଏପରି ମହୋତ୍ସବ ଆୟୋଜନ କରିଥିବାରୁ ଆୟୋଜକମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ମନ୍ଦିର ଟ୍ରଷ୍ଟ ସଦସ୍ୟ କାଶୀନାଥ ବ୍ରହ୍ମା, ମନ୍ଦିର କମିଟି ସଭାପତି ପ୍ରଶାନ୍ତ କୁମାର ନାୟକ, ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା, କାର୍ଯ୍ୟକାରୀ ସଭାପତି ବସନ୍ତ କୁମାର ମହାରଣା, ଉପସଭାପତି କ୍ଷୀରୋଦ କୁମାର ସାହୁ, ଉପଦେଷ୍ଟା ରବୀନ୍ଦ୍ର ନାଥ ପଣ୍ଡା, ସଂଯୋଜକ କମଳ କୁମାର ପଣ୍ଡା, ଯୁଗ୍ମ ସମ୍ପାଦକ ପ୍ରମୋଦ ସାହୁ, ଶତ୍ରୁଘନ ମହାଙ୍କୁଡ, ସରପଞ୍ଚ ଅଜୟ କୁମାର ନାୟକ, ଟୁଲୁ ପଣ୍ଡା, କ୍ୟାଡର ଏପିପି ରାଜେଶ କୁମାର ମିଶ୍ରଙ୍କ ସମେତ ଟ୍ରଷ୍ଟ ଏବଂ କମିଟି ସଦସ୍ୟମାନେ ଯୋଗଦେଇଥିଲେ। ଉଦଘାଟନୀ ସନ୍ଧ୍ୟାରେ ବାଘନାଚ, ଓଡ଼ିଶୀ ନୃତ୍ୟ ଏବଂ ସ୍ଥାନୀୟ କଳାକାରଙ୍କ ସଂଗୀତରେ ଦର୍ଶକମାନେ ଝୁମିଥିଲେ। ଏହି ମହୋତ୍ସବ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଆଇନଶୃଙ୍ଖଳା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ଏହା ସହିତ ଦର୍ଶକମାନେ ମୀନା ବଜାରର ମଧ ବେଶ ମଜା ଉଠାଇଥିଲେ।

# ଚୋରାଚାଲାଣ: ଲୋପ ପାଉଛି ଔଷଧୀୟ ବୃକ୍ଷ

- ସଚେତନତା ଅଭାବରୁ ଲୋକେ ଚିହ୍ନି ପାରୁନାହାନ୍ତି ଗଛ
- ଅଧିକ ଚାଷ ଲୋକଙ୍କୁ ଆର୍ଥିକ ପ୍ରଗତି ଦେଇପାରିବ

କେନ୍ଦ୍ରାପଡ଼ା, ୧୩ (ଜଗନ୍ନାଥ ଧଳ)

ଜାତୀୟ ଉଦ୍ୟାନ ଭିତରକନିକାରୁ ବିରଳ ବାଡେରା ଓ ଗରାଣି ଗଛ ଚେର ଚୋରା ଚାଲାଣ ଅଭିଯୋଗରେ ଗୁରୁବାର ବନ ବିଭାଗ ୪ ଜଣଙ୍କୁ ଗିରଫ କରିଥିଲା। ଏହା ପ୍ରଥମ ଥର ନୁହେଁ। ବାରମ୍ବାର ଔଷଧୀୟ ବୃକ୍ଷ ଚୋରି ଚାଲିଛି। ଫଳରେ ଏହାର ସଂଖ୍ୟା ଲୋପ ହେବାରେ ଲାଗିଛି। ପୂର୍ବରୁ ଗ୍ରାମାଞ୍ଚଳ ଲୋକ ବିଭିନ୍ନ ପ୍ରକାର ଔଷଧୀୟ ଗଛ ଲଗାଇ ଏହାର ଚେର, ଫୁଲ, ଫଳ ଆଦିରୁ ରୋଗର ଉପଶମ କରୁଥିଲେ। ଏହାଦ୍ୱାରା ବହୁସ୍ଥାନରେ ଗ୍ରାମ୍ୟ ଜଙ୍ଗଲକୁ ଉପଯୋଗ କରାଯାଉଥିଲା। ତେବେ ବିଜ୍ଞାନର ଅଗ୍ରଗତି ପରେ ଏହି ଔଷଧୀୟ ବୃକ୍ଷ ଏବେ ଅଦରକାରୀ ମନେହେଉଛି। ଗଛର ଗୁଣ ଚିହ୍ନି ନ ପାରି ଲୋକେ କାଟି ସଫା କରି ଦେଉଛନ୍ତି। ଏଥିସହ କାଠ ମାଫିଆଙ୍କ ଦୌରାତ୍ମ୍ୟରେ ଔଷଧୀୟ ବୃକ୍ଷ ନଷ୍ଟ ହେଉଛି। ରାସାୟନିକ ସାର ପ୍ରୟୋଗ ଏପରି ଔଷଧ ଗଛକୁ ନଷ୍ଟ କରୁଛି। ସଚେତନତା ଅଭାବରୁ ସ୍ଥାନୀୟ ଲୋକ ଏ ପ୍ରକାର ଗଛକୁ ଚିହ୍ନଟ କରିପାରୁନାହାନ୍ତି। ଗ୍ରାମ୍ୟ ଜଙ୍ଗଲ ସହିତ ଜାତୀୟ ଉଦ୍ୟାନରେ ଔଷଧୀୟ ବୃକ୍ଷକୁ ଅଧିକ ମାତ୍ରାରେ ଚାଷ କରାଗଲେ ଜିଲାର ଆର୍ଥିକ ପ୍ରଗତିରେ ଏକ ଉଦାହରଣ ସୃଷ୍ଟି କରିପାରିବ ବୋଲି ସ୍ଥାନୀୟ ଅଞ୍ଚଳର ଆୟୁର୍ବେଦିକ ଡାକ୍ତର, ରିସର୍ଚ୍ଚର ଓ ବୟସ୍କ ଲୋକମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ଆୟୁର୍ବେଦିକ ଡାକ୍ତର ଭବାନୀ ଶଙ୍କର ସାମଲ, ଡା. ବୀରେନ୍ଦ୍ର କୁମାର ଦାଶ, ରିସର୍ଚ୍ଚର ଅଧ୍ୟାପକ କ୍ଷିତୀଶ କୁମାର ସିଂହ, ଅଧ୍ୟାପକ ଦେବୀ ପ୍ରସାଦ ସାହୁ, ଅଧ୍ୟାପକ ଶରତ କୁମାର ସାହୁ, ମନୋଜ କୁମାର ସିଂହ ପ୍ରମୁଖ କହିଛନ୍ତି, ଦୈନନ୍ଦିନ ଜୀବନରେ ସ୍ଥାନୀୟ ବୃକ୍ଷ ରୋଗ ଉପଶମରେ ବହୁ ଉପଯୋଗୀ। କେନ୍ଦ୍ରାପଡ଼ା ଜିଲାରେ ବହୁଳ ଭାବେ ମିଳୁଥିବା ବଚ, ବ୍ରାହ୍ମୀ ବା ପାଣିକୁଣ୍ଡି, ଶଙ୍ଖପୁଷ୍ପି, ଥାଲକୁଡି, ବିଲଚିଙ୍ଗା, କେଶୁଟା, କୋଇଲିଖିଆ, କଳମ, ଆମ୍ବକଷିଆ ଦଳ, ନାଗୁଆରୀ, ସୁନୁସୁନିଆ, ପାଣି ଲାଜକୁଳି, ଗାଇଚିରା, କେଶରମୂଳ, ଭୂଇଁ କଦମ୍ବ, ପାଣି ସିଙ୍ଗଡା, ପାଣି ଶିଉଳି ଆଦି ଲୋପ


ପାତାଳ ଗରୁଡ଼ ।


ତୁଳସୀ ଗଛ।

ପାଇବାକୁ ବସିଛି। ସନ୍ତସନ୍ତିଆ ସ୍ଥାନରେ ଏସବୁ ଗଛ ମିଳୁଥିବା ବେଳେ ପାଇରିଆ, ଝାଡା, ବାନ୍ତି, ଡାଇବେଟିସ, ଜ୍ୱର, ଥଣ୍ଡା, କାମଳ ଆଦି ବହୁ ରୋଗକୁ ଉପଶମ କରିବା ଯୋଗ୍ୟତା ରଖିଛି। ସେହିପରି ପରିତ୍ୟକ୍ତ ସ୍ଥାନରେ ଭୂଇଁନିମ୍ବ, ଛତୁଆରୀ, ଦଶକେରନ୍ତା, ଲଟାକରଞ୍ଜି, ଖରଖରି, ବିଛାମାଳିଆ, ଅଗ୍ନିଶିଖା, ମଦନମସ୍ତକ, ତିହୁଡି, ପଶାରୁଣୀ, ପାତାଳଗରୁଡ, ଗୋଖର, ବଣ ବେଗୁନିଆ ଆଦି ସ୍ଥାନରେ ଉଠିଥାଏ। ଏସବୁ ଔଷଧୀୟ ବୃକ୍ଷ ଭୁଲାରୋଗ, କଫ, ଡାଇବେଟିସ, ଟ୍ୟୁମର ଆଦି ରୋଗର ନିଦାନ ହେଉଥିଲା। ବଣୁଆ ସ୍ଥାନରେ ଥିବା ଗୁଡମାରୀ ଡାଇବେଟିସ ପାଇଁ ବ୍ୟବହାର ହେଉଥିବା ବେଳେ ଦୁଲାଳ ଚମ୍ପା କଫ ନିରୋଧକ। ମେଡିମୋଡିକା, ଜିତାପରୁ, ଭୂଇଁକଖାରୁ, ବଣପିଆଜ ଆଦି ପୂର୍ବରୁ ଔଷଧ ରୂପେ ବ୍ୟବହାର ହେଉଥିଲା। ଏହାବ୍ୟତୀତ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ହଜାରରୁ ଅଧିକ ଔଷଧୀୟ ବୃକ୍ଷ ଅଛି। ମଣିଷ ସହ ପଶୁ ପକ୍ଷୀଙ୍କ ପାଇଁ ଏହାର ଆବଶ୍ୟକତା ଅଛି। ବାହାଡ଼ା, ହରିଡ଼ା, ଗରୁଡ଼ଗୋବିନ୍ଦ, ବଉଳ, ଡାଳିମ୍ବ, ପୁଦିନା, ବିଶଲ୍ୟକରଣୀ ଆଦି ଔଷଧୀୟ ବୃକ୍ଷ ଏହି ଜିଲାରେ ଏବେ ଦେଖିବାକୁ ମିଳୁନାହିଁ। ପୂର୍ବରୁ ଲିମ୍ବକଢ଼କୁ ଭାଜି ଲୋକମାନେ ଭାତ ସହ ଖାଉଥିଲେ। ଫଳରେ ଲୋକମାନଙ୍କ ଚର୍ମରୋଗ କମ୍ ଦେଖାଯାଉଥିଲା। ସେହିପରି ଲିମ୍ବ ଛେଲିକୁ ସିଝାଇ ଏହାର ପାଣିରେ ଗାଧୋଇଲେ କାଛୁ କୁଣ୍ଡିଆ ପରି ରୋଗ ଭଲ ହୋଇଥାଏ। ତୁଳସୀ, ଡାଳିମ୍ବ, ପୋଦିନା, ବିଶଲ୍ୟକରଣୀ ଏବେ ବି ଲୋକଙ୍କର ପ୍ରିୟ ହୋଇ ରହିଛି। ତେବେ ଏହି ଗଛ କ୍ୱଚିତ ସ୍ଥାନରେ ମିଳୁଛି। ଔଷଧୀୟ ବୃକ୍ଷ ରୋପଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବହୁ ଯୋଜନା କରିଛନ୍ତି। ଔଷଧୀୟ ଗଛର ସୁରକ୍ଷା ପାଇଁ ପାଠପଢ଼ାରେ ଏହାକୁ ସାମିଲର ଆବଶ୍ୟକତା ଅଛି। ଜିଲାରେ ଏ ନେଇ ସଚେତନତା ସୃଷ୍ଟି କରି ବହୁଳ ମାତ୍ରାରେ ଚାଷ କଲେ ଜିଲାର ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସିବା ସହ ଆୟୁର୍ବେଦିକ ମେଡିସିନ ବିଜ୍ଞାନାଗାର ପ୍ରତିଷ୍ଠା ହୋଇ ପାରିବ ବୋଲି ସେମାନେ ମତ ଦେଇଛନ୍ତି।

## ଲୋକଙ୍କ ସମସ୍ୟା ଶୁଣିଲେ, ସମାଧାନ କଲେ

### ଚା'ଖଟିରେ ରାଜନଗର ବିଧାୟକ

ରାଜନଗର, ୧୩ (ଭାସ୍କର ରାଉତରାୟ)

ରାଜନଗର ବିଧାୟକ ଧ୍ରୁବ ସାହୁ ଶୁକ୍ରବାର ନିଆରା ଢଙ୍ଗରେ ଲୋକଙ୍କୁ ଭେଟିବା ସହ ସେ ଗତ ୫ ବର୍ଷରେ କରିଥିବା ବିକାଶ ମୂଳକ କାର୍ଯ୍ୟର ହିସାବ ଦେଇଛନ୍ତି। ଚା'ଖଟିରେ ଲୋକଙ୍କ ସମସ୍ୟା ଶୁଣିବା ସହ ସେଠାରେ ହିଁ ସମାଧାନ ପାଇଁ ବାଟ ବାହାର କରିଛନ୍ତି। ଆମ ବିଧାୟକ ଆମ ପାଖରେ କାର୍ଯ୍ୟକ୍ରମ ମାଧ୍ୟମରେ ବିଧାୟକ ଚା'ଖଟିରେ ପହଞ୍ଚି ଲୋକଙ୍କ ସମସ୍ୟା ଶୁଣିଛନ୍ତି। ସାଧାରଣ ଲୋକଙ୍କ ସହିତ ଚା'ଖଟିରେ ଭେଟିବା ବେଳେ ଲୋକଙ୍କ ମତ କ'ଣ ରହିଛି, ଆଗାମୀ ନିର୍ବାଚନ ନେଇ ଲୋକେ କ'ଣ ଚାହୁଁଛନ୍ତି, ୫ ବର୍ଷରେ ସେ କରିଥିବା ବିକାଶ ମୂଳକ କାର୍ଯ୍ୟରେ ଭୋଟର ସନ୍ତୁଷ୍ଟ ନା ସନ୍ତୁଷ୍ଟ ନୁହଁନ୍ତି, ସେ ନେଇ ମୁଡ ପରଖିଛନ୍ତି। ବିଧାୟକ ଏହି ନିଆରା ଢଙ୍ଗରେ ସାଧାରଣ ଲୋକଙ୍କ ସହ ମିଶିବା ଓ ଲୋକଙ୍କ ସମସ୍ୟା ଶୁଣିବା ଘଟଣା ରାଜନଗରରେ ଚର୍ଚ୍ଚା ସୃଷ୍ଟି କରିଛି।

ଅପରାହ୍ନ ୫ଟାରେ ବିଧାୟକ ରାଜନଗର ବ୍ଲକ ଛକ ନିକଟରେ ଥିବା ଅଲେଖ କୁମାର ଦାସ (ନଳି) ଚା' ଦୋକାନରେ ହଠାତ୍ ପହଞ୍ଚି ଥିଲେ। ଚା' ଦୋକାନରେ ଆଗରେ ବସି ଚା' ପିଇବା ସହ ସାଧାରଣ ଲୋକଙ୍କ ସହ ମିଶି ଆଲୋଚନା କରିଥିଲେ। ବିଧାୟକଙ୍କ ନିକଟକୁ ଆସି ସେମାନଙ୍କ ବ୍ୟକ୍ତିଗତ ସମସ୍ୟା ସମ୍ପର୍କରେ କହୁଥିବା ଓ ଉପସ୍ଥିତ ଥିବା ସମସ୍ତଙ୍କୁ ବିଧାୟକ ଚା' ପିଆଇ ଥିଲେ। ବଳରାମପୁର ଗାଁର ରାଜକିଶୋର ବେହେରା ତହସିଲରେ ଥିବା ଏକ ସମସ୍ୟା ସମ୍ପର୍କରେ ତାଙ୍କୁ କହିଥିଲେ। ବିଧାୟକ ଘଟଣାସ୍ଥଳରେ ତହସିଲଦାରଙ୍କ ସହ କଥା ହୋଇ ଘଟଣାର ସମାଧାନ ପାଇଁ ବାଟ କାଢି ଥିଲେ। ଧନେଶ୍ୱରପୁରର ଜଣେ ବ୍ୟକ୍ତି ରାଶନ ଚାଉଳ ପାଉ ନ ଥିବା ନେଇ କହିଥିଲେ। ବିଧାୟକ ଏ ନେଇ କଥା ହୋଇ ସେ କିପରି ଠିକ୍ ସମୟରେ ରାଶନ ସାମଗ୍ରୀ ପାଇବେ ତାର ବ୍ୟବସ୍ଥା କରିଥିଲେ। ଗୋବର୍ଦ୍ଧନପୁର ଅଞ୍ଚଳର କେତେଜଣ ଲୋକ ସେମାନଙ୍କ ସମସ୍ୟା ସମ୍ପର୍କରେ କହିଥିଲେ। ସମସ୍ୟା ସମାଧାନ ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ରାଜନଗର ଗାଁର ବଲ୍ଲଭ ମଲିକ, ସର୍ବେଶ୍ୱର ମଲିକ, ବୈକୁଣ୍ଠ ସ୍ୱାଇଁ, ମଲ୍ଲିଆବୁଦାର କାଙ୍ଗାଳି ଚରଣ ପ୍ରଧାନ, ମଙ୍ଗରାଜପୁରର କୃପାସିନ୍ଧୁ ରାଉତ, ଅଲେଖ ରାଉତ, ବାବୁଲି ରାଉତ, ସର୍ବେଶ୍ୱର ରାଉତ, ସନାତନ ରାଉତ ପ୍ରମୁଖ ବିଧାୟକଙ୍କ ସହ ସେମାନଙ୍କ ସମସ୍ୟା ନେଇ ଆଲୋଚନା କରିଥିଲେ। ବିଧାୟକଙ୍କ ସହିତ ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ପ୍ରସାଦ ମହାପାତ୍ର, ଭଗବାନ ରଥ, ନାରାୟଣ ଦାସ, ନିରାକାର ସେଠୀ, ଆଇନଜୀବୀ ମହେଶ୍ୱର ସେଠୀ, ଚିତ ରଞ୍ଜନ ଦାସ, ବାଇଧର ସେଠୀ, ରମଣୀ ରଂଜନ ମହାପାତ୍ର, ପ୍ରଦୀପ କୁମାର ଲେଙ୍କା, ପବିତ୍ର ସେଠୀ, ଜୟୀରାମ ସେଠୀ ପ୍ରମୁଖ ରାଜନଗରର ବିକାଶ ନେଇ ଆଲୋଚନା କରିଥିଲେ। ବିଧାୟକ ଦୀର୍ଘ ୧ ଘଣ୍ଟାରୁ ଅଧିକ ସମୟ ଧରି ଚା'ଖଟିରେ ରହିଥିଲେ।


ବିଧାୟକ ଧ୍ରୁବ ସାହୁ ଚା' ଖଟିରେ ବସି ଲୋକମାନଙ୍କ ସମସ୍ୟା ବୁଝି ସାମାଧାନ କରୁଛନ୍ତି।

## ଦୁର୍ଘଟଣାରେ ଗୁରୁତର ଯୁବ କ୍ରିକେଟରଙ୍କ ମୃତ୍ୟୁ

### ଚକ୍ଷୁ ଦାନ କରାଗଲା

**ରସୁଲପୁର, ୧୩(ରଞ୍ଜିତ ରାଉତ):** ଦୁର୍ଘଟଣାରେ ଗୁରୁତର ହୋଇଥିବା ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ(ପାଳସାହି) ଗ୍ରାମର ନରେନ୍ଦ୍ର ନାୟକଙ୍କ ସାନପୁଅ ଶ୍ରୀବସ୍ତ ନାୟକ(୨୮)ଙ୍କ ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଏହାପରେ ପରିବାର ଲୋକେ ତାଙ୍କ ଚକ୍ଷୁକୁ ଚକ୍ଷୁ ବ୍ୟାଙ୍କକୁ ଦାନ କରିଛନ୍ତି। ସେ ଜଣେ ଉତ୍ତମ କ୍ରିକେଟ ଖେଳାଳି ଭାବେ ସୁନାମ ଅର୍ଜନ କରିଥିଲେ। ଗତ ରବିବାର ସକାଳୁ ବାଇକ୍ ଯୋଗେ ଘରକୁ ଆସୁଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ଥିଲେ। ମରଶରୀର ଅପରାହ୍ନରେ ଆସି ବାରବାଟୀରେ ପହଞ୍ଚିବାପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଧର୍ମଶାଳା ବ୍ଲକ୍ ଅଧକ୍ଷ ପ୍ରଭାତ ବଳବନ୍ତରାୟ, ସ୍ଥାନୀୟ ସରପଞ୍ଚ ଆୟୁଷ୍ମତି ଦାସ, ଯୁବନେତା ନିହାର ରଞ୍ଜନ ଦାସ ଓ ପୀତାମ୍ବର ମହାନ୍ତିଙ୍କ ସମେତ ବହୁ କ୍ରିକେଟ ପ୍ରେମୀ ଯୁବକ ତାଙ୍କ ଶେଷ ଦର୍ଶନ କରିବା ସହ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ସାଥିମାନେ ଏକ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଇଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।



ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଗଦାଧର


@ ଦୁଷ୍ମନ୍ତ


@ ହରି


@ ଲଡୁ


@ କିଶୋର


@ ବିଦ୍ୟା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୮ ଚୋରା ବାଇକ ଜବତ, ୫ ଗିରଫ

ଯାଜପୁରରୋଡ୍, ୧୩(ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁର ରୋଡ୍ ଆଦର୍ଶ ଥାନା ପୋଲିସ ଦାନଗଦି ଅଞ୍ଚଳରେ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିବାସହ ସେମାନଙ୍କ ନିକଟରୁ ୮ ଚୋରା ବାଇକ ଜବତ କରିଛି। ଗତ କିଛିଦିନ ହେବ ଯାଜପୁର ରୋଡ୍ ଥାନାର ବିଭିନ୍ନ ଅଞ୍ଚଳରେ ବାଇକ୍ ଚୋରି ହେଉଥିବା ଅଭିଯୋଗ ହେଉଥିଲା। ଏହି ଅଭିଯୋଗର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଯାଜପୁର ଏସ୍‌ପି ବିନୀତ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିଥିଲେ। ଥାନା ଅଧିକାରୀ ଦାନଗଦି ଅଞ୍ଚଳରେ ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତ ଯାଜପୁରରୋଡ୍ ଥାନା ଦାନଗଦି ଅଞ୍ଚଳର ରାଜେଶ ମହାକୁଡ଼ଙ୍କୁ ଗିରଫ କରି ଥାନାକୁ ଆଣି ଘଟଣାର ତଦନ୍ତ କରିଥିଲେ। ମୁଖ୍ୟ ଅଭିଯୁକ୍ତଙ୍କ ବୟାନ ଆଧାରରେ ଗୁରୁବାର ରାତିରେ ଯାଜପୁର ଓ ଭଦ୍ରକ ଅଞ୍ଚଳରୁ ଅନ୍ୟ ୪ ଜଣଙ୍କୁ ଗିରଫ କରିଥିଲେ। ସେମାନେ ଭଦ୍ରକଥାନା ଅଞ୍ଚଳର ରାଜ ମଲ୍ଲିକ, ଭଦ୍ରକ ଜିଲା ପୀରହାଟ ଥାନା ଅଞ୍ଚଳର ତ୍ରିନାଥ ମଲ୍ଲିକ, ରାଜନ ପଳେଇ ଓ ଯାଜପୁର ଜିଲା ପାଣିକୋଇଲି ଥାନା ଅଞ୍ଚଳର ସ୍ୱାଧୀନ ପରିଡ଼ା ବୋଲି ଥାନାରେ ଆହୁତ ଏକ ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଇଛି। ଏନେଇ ଥାନାରେ ନଂ.୪୭/୨୪,୧୩୯/୨୪ ଓ ୧୪୮/୨୪ରେ ତିନୋଟି ମାମଲା ରୁଜୁ ହୋଇଛି। ଚଢ଼ାଉରେ ଏସଆଇ ଅଜୟ ସାହୁ, ଏସଆଇ ଅନ୍ତର୍ଜାମୀ ଶ୍ରୀଚନ୍ଦନ ଓ ଅନ୍ୟ କର୍ମଚାରୀ ସାମିଲ ହେଇଥିଲେ ବୋଲି ଥାନା ଅଧିକାରୀ କହିଛନ୍ତି।


ଗିରଫ ହୋଇଥିବା ଅଭିଯୁକ୍ତ ଓ ଜବତ ବାଇକ୍।

## ବେଆଇନ ଅର୍ଥ ବିନିମୟ ରୋକିବ ଇଏସ୍‌ଏମ୍‌ଏସ୍

- ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ ତଦାରଖ ପ୍ରଶିକ୍ଷଣ ଶିବିର
- ସ୍ୱଚ୍ଛ, ଅବାଧ ନିର୍ବାଚନରେ ସହାୟକ ହେବ

ଜଗତ୍‌ସିଂହପୁର, ୧୩ (ପ୍ରମୋଦ କୁମାର ନାୟକ)

୨୦୨୪ ସାଧାରଣ ନିର୍ବାଚନରେ ପ୍ରଥମ ଥର ପାଇଁ ଓଡ଼ିଶାରେ ଇଏସ୍‌ଏମ୍‌ଏସ୍ (ଇଲେକ୍ସନ ସିଜର ମ୍ୟାନେଜମେଣ୍ଟ ସିଷ୍ଟମ) ବ୍ୟବହାର ହେବାକୁ ଯାଉଛି। ଏହା ବେଆଇନ ଅର୍ଥ ବିନିମୟ ରୋକିବା କ୍ଷେତ୍ରରେ ବିଶେଷ ସହାୟକ ହେବ। ଅର୍ଥାତ୍ ପୋଲିସ, ଟ୍ରାନ୍ସପୋର୍ଟେଶନ ଅଥରିଟିଜ ଓ ସେଣ୍ଟ୍ରାଲ ଟ୍ୟାକ୍ସ ଏଜେନ୍ସିଜ୍ ଆଦିର ବୈଷୟିକ ପ୍ଲାଟଫର୍ମ ପ୍ରମୁଖ ଭୂମିକା ନିଭାଇବ। ବିଶେଷକରି ବେଆଇନ ଟଙ୍କା କାରବାର ସାଙ୍ଗକୁ ମଦ, ଅନ୍ୟ ନିଶା ଓ ଆକର୍ଷଣୀୟ ସାମଗ୍ରୀର ପ୍ରଲୋଭନ ଉପରେ ତୀକ୍ଷ୍ଣ ନଜର ରଖାଯିବ। ସଦ୍ୟ ତଥ୍ୟ ଅପଡେଟ୍ କରାଯିବା ଦ୍ୱାରା ବେଆଇନ ବିନିମୟକୁ ରୋକାଯିବା କ୍ଷେତ୍ରରେ ସହାୟକ ହେବ। ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ ତଦାରଖ ସମ୍ପର୍କିତ ଦିନିକିଆ ପ୍ରଶିକ୍ଷଣ ଶିବିରରେ ଏହା କୁହାଯାଇଛି। ଶିବିରରେ ଜିଲାପାଳ ପାରୁଲ ପଟାୱରୀ ପୌରୋହିତ୍ୟ କରି କହିଥିଲେ, ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ଶାନ୍ତିପୂର୍ଣ୍ଣ କରିବା ପାଇଁ ସମସ୍ତ ଉଦ୍ୟମ ହେବ। ଅଧିକାରୀମାନେ ଦାୟିତ୍ୱବାନ ରହିବେ। ଇଏସ୍‌ଏମ୍‌ଏସ୍ ସି ଭିଜିଲ ଆପ ମାଧ୍ୟମରେ ବେଆଇନ ଅର୍ଥ ବିନିମୟକୁ ରୋକି ନିର୍ବାଚନକୁ ସ୍ୱଚ୍ଛ ଭାବେ ସମ୍ପାଦନ କରିବାକୁ ସେ ପରାମର୍ଶ ଦେଇଥିଲେ। ଶିବିରରେ ଏସ୍‌ପି ରାହୁ ପି. ଆର୍ ନିର୍ବାଚନକୁ ଗଣତନ୍ତ୍ରର ଆସ୍ଥା ବୋଲି ଅଭିହିତ କରି ଏହାକୁ ସ୍ୱଚ୍ଛ ଭାବେ ସମ୍ପାଦନ କରିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ନିର୍ବାଚନ ଫ୍ଲାଇଙ୍ଗ ସ୍କ୍ୱାଡ୍, ଷ୍ଟାଟିକ ସର୍ଭେଲାନ୍ସ ଟିମ୍, ଆକାଉଣ୍ଟ ଅବଜର୍ଭରମାନଙ୍କ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଅନିତା ପାତ୍ର, ଲଗ୍ନଜିତ୍ ରାଉତ ପ୍ରମୁଖ ବିଭିନ୍ନ ଆଇନଗତ ବ୍ୟବସ୍ଥା ଏବଂ ନିର୍ବାଚନ ଆୟୋଗଙ୍କ ବିଭିନ୍ନ ନିର୍ଦ୍ଦେଶ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଜିଲା କୋଷାଗାର ଅଧିକାରୀ ତରୁଣ କୁମାର ପଣ୍ଡା, କୁଜଙ୍ଗ ତହସିଲଦାର ପୁଷ୍ପଶ୍ରୀ ସାଣ୍ଡିଲ, ଡିଆଇଓ ଜ୍ୟୋତି ପ୍ରକାଶ ବେହେରା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତୀଚୀ ତନୟା ମହାନ୍ତି ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀ ତଥା ପୋଲିସ ବିଭାଗର ଅଧିକାରୀମାନେ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇ ପ୍ରଶ୍ନୋତ୍ତର ମାଧ୍ୟମରେ ନିଜର ସନ୍ଦେହ ଦୂର କରିଥିଲେ। ଡେପୁଟି କଲେକ୍ଟର ସନ୍ଧ୍ୟାଞ୍ଜଳି ମାଝୀ ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।


ଶିବିରରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

## କାଳିଭଞ୍ଜଡିଆ ଜଙ୍ଗଲରୁ ଚେର ଚୋରି କରି ଜଣେ ଗିରଫ

ରାଜନଗର, ୧୩(ଭାସ୍କର ରାଉତରାୟ) : ଭିତରକନିକା ଜାତୀୟ ଉଦ୍ୟାନରେ ଥିବା ବିରଳ ବାଡେରା ଓ ଗରାଣି ଗଛର ଚୋରା ଚାଲାଣ ହେଉଛି। ଏହି ଗଛର ଲତା ଓ ଗଣ୍ଡିକୁ ପାଣିରେ ବୁଡାଇ ରଖିବା ପରେ ଓଦା ଗଣ୍ଡିରେ ଚନ୍ଦନ ସେଣ୍ଟ ଦେଇ ଏହାକୁ ଚନ୍ଦନ କାଠ କହି ବିକ୍ରି କରାଯାଉଛି। ସେଥିପାଇଁ ଭିତରକନିକା ଜାତୀୟ ଉଦ୍ୟାନରେ ଅତି ଅଳ୍ପ ସଂଖ୍ୟାରେ ଏହି ଦୁଇଟି ପ୍ରଜାତିର ଲୁଣା ଜାତୀୟ ଗଛ ଥିବାବେଳେ ଏହାକୁ ଚନ୍ଦନ କାଠ କହି ବିକ୍ରି କରିବାକୁ ଏହାର ଚୋରା ଚାଲାଣ କରାଯାଉଛି। ଶୁକ୍ରବାର ସକାଳେ ଭିତରକନିକା ଜାତୀୟ ଉଦ୍ୟାନର କାଳିଭଞ୍ଜଡିଆ ସଂରକ୍ଷିତ ଜଙ୍ଗଲରୁ ବାଡେରା ଓ ଗରାଣି ଗଛର ଚେରକୁ କାଟି ନେଉଥିବା ବେଳେ ବନ ବିଭାଗ ଟିମ ସେଠାରେ ପହଞ୍ଚି ଜଣଙ୍କୁ ଗିରଫ କରିଛି। ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସଙ୍କ ନିର୍ଦ୍ଦେଶରେ ଫରେଷ୍ଟର ପ୍ରଶାନ୍ତ କୁମାର ସିଂ, ଫରେଷ୍ଟଗାର୍ଡ ସୁନିଲ ରଞ୍ଜନ ରାଉତରାୟ, ବବୁଲ କୁମାର ପରିଡା, କଳ୍ପତରୁ ସେଠୀ ପ୍ରମୁଖ କାଳିଭଞ୍ଜଡିଆରେ ପହଞ୍ଚି ୨୦ ବସ୍ତା ବାଡେରା ଓ ଗରାଣି ଗଛର ଚେର ଓ ୩ଟି ଫାରସା, ୨ଟି କୋଦାଳ, ଗୋଟିଏ କଟୁରୀ, ଗୋଟିଏ କୁରାଢି ଜବତ କରିଛନ୍ତି। ଚେର ଚୋରି କରୁଥିବା ତାଲଚୁଆ ସାମୁଦ୍ରିକ ଥାନା ଅଞ୍ଚଳର କନକନଗର ଗାଁର ଲବ ମଣ୍ଡଳକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଏସିଏଫ ଦାସ ସୂଚନା ଦେଇଛନ୍ତି।

# ଶରଣକୁଳ ଏନ୍‌ଏସି ଦାବି ଜୋର ଧରିଲା

- ୨ ସରପଞ୍ଚ ସହମତି ପତ୍ର ପ୍ରଦାନ ପରେ ଅଣଦେଖା
- ଶରଣକୁଳ, ହରିହରପୁର ପଞ୍ଚାୟତକୁ ନେଇ କରାଯାଉଛି ଦାବି

ନୟାଗଡ଼, ୧।୩(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଶରଣକୁଳ ଏନ୍‌ଏସିର ଦାବି ବହୁଦିନରୁ ହୋଇ ଆସୁଛି। ହେଲେ ସରକାର ଏନ୍‌ଏସି ଘୋଷଣା କରି ନ ଥିବାରୁ ସାଧାରଣରେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇ ଆସୁଛି। ଶରଣକୁଳ ଏନ୍‌ଏସି ଗଠନ ପାଇଁ ୨ ସରପଞ୍ଚ ସହମତି ପତ୍ର ପ୍ରଦାନ କରିଥିଲେ ହେଁ କେଉଁଠାରେ ଶରଣକୁଳ ଓ ହରିହରପୁର ପଞ୍ଚାୟତ ବାସିନ୍ଦାଙ୍କ ଦାବି ଅଟକି ରହିଛି ସାଧାରଣରେ ପ୍ରଶ୍ନ ଉଠୁଛି। ଶରଣକୁଳକୁ ତୁରନ୍ତ ଏନ୍‌ଏସି ଗଠନ ନେଇ ଧାରଣା ଜାରି ରହିଥିବାବେଳେ ଦାବି ପୂରଣ ନ ହେଲେ ଆନ୍ଦୋଳନ ତ୍ୱରାନ୍ୱିତ ହେବ ବୋଲି କୁହାଯାଇଛି।

## ଦୁଇ ଥର ସହମତି ପତ୍ର ଦେଇ ସାରିଲିଣି

ଶରଣକୁଳ ଓ ହରିହରପୁର ପଞ୍ଚାୟତକୁ ନେଇ ଶରଣକୁଳ ଏନ୍‌ଏସି ଗଠନ କରାଯାଉ ବୋଲି ଦାବି କରାଯାଇଛି। ୨୦୧୪ରେ ସରପଞ୍ଚ ଥିବାବେଳେ ଶରଣକୁଳକୁ ଏନ୍‌ଏସି ଘୋଷଣା କରାଯାଉ ବୋଲି ତହସିଲରେ ସହମତି ପତ୍ର ପ୍ରଦାନ କରିଥିଲି। ସେହିପରି ୨୦୨୨ରୁ ସରପଞ୍ଚ ଅଛି। ପଞ୍ଚାୟତରେ ଜନଶୁଣାଣି, ଗ୍ରାମସଭା ସହ ପଞ୍ଚାୟତ ବଡିରେ ପାସ କରି ପୁଣି ତହସିଲଦାରଙ୍କୁ ପ୍ରଦାନ କରିଛି। ଆମ ୨ ପଞ୍ଚାୟତର ଦାବିକୁ ଅଣଦେଖା କରା ନ ଯାଉ। ଶରଣକୁଳରେ ଓଡ଼ଶାର ପ୍ରସିଦ୍ଧ ଶୈବପୀଠ ରହିଥିବାରୁ ଏହି ପୀଠ ଏନ୍‌ଏସି ହେବାକୁ ଯୋଗ୍ୟ ବୋଲି ଆମର ଦାବି ରହିଛି।



—ମୀନାକ୍ଷୀ ପ୍ରସାଦ ସାହୁ, ଶରଣକୁଳ ସରପଞ୍ଚ।

## ସହରାଞ୍ଚଳ ପାଇଁ ଭିତ୍ତିଭୂମି ରହିଛି

ଶରଣକୁଳରେ ଏନ୍‌ଏସି ଗଠନ ପାଇଁ ଭିତ୍ତିଭୂମି ରହିଛି। ଯଦିଓ ଶରଣକୁଳ ଓ ହରିହରପୁର ୨ ପଞ୍ଚାୟତ, ତେବେ ଏଠାକାର ବାସିନ୍ଦା ସହରର ସୁବିଧା ସୁଯୋଗ ଅପେକ୍ଷାରେ ଅଛନ୍ତି। ଲୋକଙ୍କର ଦାବିକୁ ମାନି ନେଇ ସହମତି ପତ୍ର ପ୍ରସ୍ତୁତ କରି ୨୦୨୨ରୁ ହରିହରପୁର ପଞ୍ଚାୟତ ପକ୍ଷରୁ ଓଡ଼ଗାଁ ତହସିଲରେ ପ୍ରଦାନ କରାଯାଇଛି। ନିକଟରେ ସରକାର ଘୋଷଣା କରିଥିବା ଏନ୍‌ଏସି ତାଲିକାରେ ଶରଣକୁଳ ନାଁ ନ ଥିବାରୁ ଶରଣକୁଳ ଓ ହରିହରପୁର ପଞ୍ଚାୟତରେ ଅସନ୍ତୋଷ ଓ କ୍ଷୋଭ ପ୍ରକାଶ ପାଇଛି।



—ବିଳାସିନୀ ଦେଇ, ହରିହରପୁର ସରପଞ୍ଚ।

## ଉପେକ୍ଷା ନେଇ ବୁଝି ହେଉନି

ଶରଣକୁଳକୁ ଏନ୍‌ଏସି ଘୋଷଣାରେ କାହିଁକି ଉପେକ୍ଷା କରାଗଲା ବୁଝା ପଡୁନି। ଏନ୍‌ଏସି ହେବାକୁ ଶରଣକୁଳ ଯୋଗ୍ୟ ଅଞ୍ଚଳ। ସରକାର ଶରଣକୁଳକୁ ତୁରନ୍ତ ଏନ୍‌ଏସି ଘୋଷଣା ନ କଲେ ଆମେ ଆନ୍ଦୋଳନ କରିବୁ। ଶରଣକୁଳର ଏଯାବତ ଆଖି ଦୃଶିଆ ଉନ୍ନତି ହୋଇପାରୁନି। ସରକାର ଶରଣକୁଳକୁ ଅଣଦେଖା ନ କରି ତୁରନ୍ତ ଏନ୍‌ଏସି ଘୋଷଣା କରନ୍ତୁ।



—ମଦନ ନନ୍ଦ, ପୂର୍ବତନ ଜିଲା ପରିଷଦ ସଭ୍ୟ

## ଏନ୍‌ଏସି ପାଇଁ ଧାରଣା ଚାଲିଛି

ହରିହରପୁର ପଞ୍ଚାୟତର କରଡା ରଘୁନାଥପୁର ବ୍ରାହ୍ମଣ ଶାସନର ଜଣେ ଚାଷୀ। ତେବେ ଶରଣକୁଳରେ ଏନ୍‌ଏସି ଗଠନ ପାଇଁ ଦାବି କରି ଆସୁଛୁ। ଏଠାରେ ଏନ୍‌ଏସି ଗଠନ ପାଇଁ ଧାରଣା ପେବୃଆରୀ ୬ ରୁ ଶରଣକୁଳ ନାଗରିକ ମଞ୍ଚ ପକ୍ଷରୁ ଶରଣକୁଳରେ ଚାଲୁ ରହିଛି। ଏନ୍‌ଏସି ସମେତ ୬ ଦଫା ଦାବିରେ ଧାରଣା ୨୫ଦିନ ହେଲା ଚାଲୁ ରହିଛି। ଧାରଣା ଚାଲୁ ରହିଥିବାବେଳେ ସରକାର ଏନ୍‌ଏସି ଘୋଷଣା କରିଛନ୍ତି। ତେବେ ଶରଣକୁଳର ଦାବିକୁ ସରକାର ଭୁଲି ଯାଇଥିବାରୁ ଆମ୍ଭେ ଆନ୍ଦୋଳନକୁ ତ୍ୱରାନ୍ୱିତ କରିବୁ ବୋଲି କହିଛନ୍ତି।



—ରୁଷିଆ ପ୍ରଧାନ, ଶରଣକୁଳ ନାଗରିକ ମଞ୍ଚ ସଭାପତି

## ଆନ୍ଦୋଳନ ପାଇଁ ସଜବାଜ

ଶରଣକୁଳକୁ ଶନିବାର ଏନ୍‌ଏସି ଘୋଷଣା କରା ନ ଗଲେ ଆନ୍ଦୋଳନ କରାଯିବ। ଆମ୍ଭେ ଲଡୁବାବାଙ୍କ ପୀଠରୁ ଆନ୍ଦୋଳନ ବୁଧବାରଠାରୁ ଆରମ୍ଭ କରି ଦେଇଛୁ। ଆନ୍ଦୋଳନ ଓ ସ୍ୱାଗତ ପାଇଁ ପ୍ରସ୍ତୁତି ଜାରି ରହିଛି। ନୂଆ ଜଗନ୍ନାଥ ସଡକର ହରିହରପୁର ଛକ, ନୟାଗଡ ଶରଣକୁଳ ରାସ୍ତାର କଟରାଝରୀ ଛକ ଓ ଲଡୁବାବା ମନ୍ଦିରର ସମ୍ମୁଖରେ ରାସ୍ତାରୋକ ହେବ । ସରକାର ଶରଣକୁଳର ଦାବିକୁ ଅଣଦେଖା ନ କରି ତୁରନ୍ତ ଏହାର ସମାଧାନ କରାନ୍ତୁ ବୋଲି ଆମେ ଅନୁରୋଧ କରୁଛୁ।



—କୃଷ୍ଣଚନ୍ଦ୍ର ମହାପାତ୍ର, ସାମାଜିକ କର୍ମୀ

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଗଦାଧର



@ ଦୁଷ୍ମନ୍ତ



@ ହରି



@ ଲଡୁ



@ କିଶୋର



@ ବିଦ୍ୟା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମହିଳା ରୋଗୀଙ୍କ ଝୁଲନ୍ତା ମୃତଦେହ ଜବତ

ନୟାଗଡ଼, ୧।୩(ଲୋକନାଥ ମିଶ୍ର)

**ଗୁରୁବାର ରାତିରୁ ଚିକିତ୍ସାଳୟରୁ ନିଖୋଜ ଥିଲେ**

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଉର୍ମିଳା ମାଝି (୩୦) ରୋଗୀଙ୍କ ମୃତଦେହ ନୟାଗଡ଼ ଟାଉନ ଥାନା ସିନ୍ଦୁରିଆ ପଛ ପାଖ ବାଘୁମୁହିଁ ଗାଡିଆ ନିକଟସ୍ଥ ଏକ ଚାକୁଣ୍ଡା ଗଛରୁ ଝୁଲନ୍ତା ଅବସ୍ଥାରେ ଜବତ କରାଯାଇଛି। ପୋଲିସ ମୃତଦେହକୁ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ଶୁକ୍ରବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ନଂ.୩/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ତେବେ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କଲେ ମହିଳା ରୋଗୀଙ୍କୁ କେହି ହତ୍ୟା କରି ଝୁଲାଇ ଦେଇଥିବା ଅଭିଯୋଗ ଉଠିଛି। ଗୁରୁବାର ରାତିରୁ ଉର୍ମିଳା ଜିଲା ମୁଖ୍ୟ ଚିକିତ୍ସାଳୟରୁ ନିଖୋଜ ହୋଇଯାଇଥିଲେ।

ନୟାଗଡ଼ ଟାଉନ ଥାନା ଦୁର୍ଗାପ୍ରସାଦ ଗାଁର ଉର୍ମିଳା ଓଡ଼ଗାଁ ଆଦର୍ଶ ଥାନା ଶରଧାପୁର ପଞ୍ଚାୟତ ଗୁଣ୍ଡାସାହି ଗାଁର ସୁକାନ୍ତ କୁମାର ମାଝି(୩୫)ଙ୍କୁ ୧୨ବର୍ଷ ତଳେ ବିବାହ କରିଥିଲେ। ଏମାଙ୍କର ୮ବର୍ଷର ପୁଅ ଓ ୪ ବର୍ଷର ଝିଅ ରହିଛି। ଉର୍ମିଳା ଜ୍ୱରରେ ପଡି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ଗୁରୁବାର ରାତିରେ ଉର୍ମିଳା ନିଖୋଜ ହୋଇ ଯାଇଥିଲେ। ପରିବାର ଲୋକ ଖୋଜା ଖୋଜି କରିଥିଲେ ମଧ୍ୟ ଟେର ପାଇ ନ ଥିଲେ। ଉର୍ମିଳାଙ୍କର ନିଖୋଜ ନେଇ ଗୁରୁବାର ରାତିରେ ସ୍ୱାମୀ ସୁକାନ୍ତ ନୟାଗଡ଼ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷେ ସିନ୍ଦୁରିଆ ପଛପାଖ ବାଘୁମୁହିଁ ଗାଡ଼ିଆ ନିକଟସ୍ଥ ଏକ ଚାକୁଣ୍ଡା ଗଛରେ ଜଣେ ମହିଳାଙ୍କ ମୃତଦେହ ଝୁଲୁଥିବା ଶୁକ୍ରବାର ସକାଳେ ପ୍ରଚାର ହୋଇଥିଲା। ଶାଶୁ ଘର ଲୋକମାନେ ଘଟଣାସ୍ଥଳକୁ ଯାଇ ବୋହୂଙ୍କ ମୃତଦେହ ଚିହ୍ନଟ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରିଥିଲା। ଅପରପକ୍ଷେ ମୃତଦେହ ଜବତ ହୋଇଥିବା ଗାଡିଆ ଚାରିପାଖ ତାରବାଡ ଦ୍ୱାରା ଆଚ୍ଛାଦିତ ହୋଇ ରହିଛି। ପୁଣି ସମ୍ପୃକ୍ତ ଅଞ୍ଚଳ ରାତିରେ ପୁରା ଅନ୍ଧକାର। ଜଣେ ମହିଳା ରାତିରେ ତାରବାଡ ଡେଇଁ ଯାଇ ଆତ୍ମହତ୍ୟା କରିବା ସନ୍ଦେହ ପ୍ରକାଶ ପାଇଛି। ସେହିପରି ମହିଳା ଜଣକ ନିଜ ଲୁଗାର ଧଡିରେ ଝୁଲୁଛନ୍ତି। ତାଙ୍କ ଗୋଡ ତଳେ ଲାଗିଥିଲା, ପାଖରେ ଏକ ପଥର ରଖାଯାଇଛି। ଜଣେ ଜ୍ୱର ରୋଗୀ ଓ ବିନା କଳହରେ କାହିଁକି ଆତ୍ମହତ୍ୟା କରିବେ ବୁଝାପଡୁନି। ଏ ନେଇ ମୃତକଙ୍କ ସ୍ୱାମୀ ସୁକାନ୍ତ କହିଛନ୍ତି, ପତ୍ନୀ ଅସୁସ୍ଥ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ଘରେ ପାଟିତୁଣ୍ଡ କି କଳହ ନ ଥିଲା। ଚିକିତ୍ସାଳୟରୁ ଚାଲି ଯାଇ ବାପ ଘର ଅଞ୍ଚଳରେ କାହିଁକି ଆତ୍ମହତ୍ୟା କଲେ ବୁଝି ପଡୁନାହିଁ। ଆମର କେହି ଶତ୍ରୁ ନାହାନ୍ତି। କେହି ତାଙ୍କୁ ହତ୍ୟା କରି କ'ଣ ଲାଭ ପାଇବ। ଶ୍ୱଶୁର ଧନେଶ୍ୱର କହିଥିଲେ, ନାତୁଣି ନାତି ଲାଗିଲା। ବାପା ତୁମେ ନାତୁଣୀନାତିଙ୍କୁ ଅଣଦେଖା କରିବନି ବୋଲି ବୋହୂ କହିଥିଲେ। କିଛି ସମୟ ପରେ ବୋହୂ ଶଯ୍ୟାରେ ନ ଥିଲେ। ଆମେ ଖୋଜି ଖୋଜି କରି ପାଇ ନ ଥିଲୁ। ଆମ ବୋହୂ କାହିଁକି ଆତ୍ମହତ୍ୟା କଲା ଆମେ ବୁଝି ପାରୁନୁ ବୋଲି କହିଥିଲେ। ଆଇଆଇସି ରଶ୍ମି ରଞ୍ଜନ ମହାପାତ୍ରଙ୍କୁ ପଚାରି ହତ୍ୟା ନେଇ ଅଭିଯୋଗ ହୋଇନାହିଁ। ଶାଶୁ ଘର ପକ୍ଷରୁ ପ୍ରଥମେ ନିଖୋଜ ଓ ପରେ ଆତ୍ମହତ୍ୟା ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# କୌଣସି ଯୋଜନାରୁ କେହି ବଞ୍ଚିତ ନ ହୁଅନ୍ତୁ



ଭିନ୍ନକ୍ଷମମାନଙ୍କୁ ହ୍ୱିଲ୍ ଚେୟାର ଦିଆଯାଇଛି।

ନୂଆଗାଁ, ୧।୩ ( ଧନେଶ୍ୱର ସାହୁ)

**ବ୍ଲକସ୍ତରୀୟ ବିଶ୍ୱ ହ୍ୱିଲ ଚେୟାର ଦିବସ**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ରାଜୀବ ଗାନ୍ଧୀ ସଭା ଗୃହ ମଧ୍ୟରେ ଶୁକ୍ରବାର ବିଶ୍ୱ ହ୍ୱିଲ ଚେୟାର ଦିବସ ପାଳିତ ହୋଇଯାଇଛି। ଦିବ୍ୟାଙ୍ଗ ବ୍ୟକ୍ତି କୌଣସି କ୍ଷେତ୍ରରେ ନିଜକୁ ଛୋଟ ଭାବିବା ଅନୁଚିତ୍। ସାଧାରଣ ଲୋକମାନଙ୍କ ସହ ସେମାନଙ୍କୁ ସମାନ କରିବା ପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଅନେକ ସହାୟତା କରୁଛନ୍ତି। ତେଣୁ ଉପଯୁକ୍ତ ବ୍ୟକ୍ତି କୌଣସି ଯୋଜନାରୁ ବଞ୍ଚିତ ନ ହୁଅନ୍ତୁ ବୋଲି ନୂଆଗାଁ ବ୍ଲକ କମ୍ପ୍ୟୁଟର ପ୍ରୋଗ୍ରାମର ତୁଷାରକାନ୍ତ ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଭିନ୍ନକ୍ଷମ ବ୍ୟକ୍ତି ଓ ଅନ୍ୟମାନଙ୍କୁ ବୁଝାଇ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ୨୦ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ର ଓ ୩୦ ଜଣ ଭିନ୍ନକ୍ଷମ ବ୍ୟକ୍ତି ଯୋଗ ଦେଇଥିଲେ। ଏଥିରେ ଯୋଗ ଦେଇଥିବା ଭିନ୍ନକ୍ଷମମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ସମସ୍ତଙ୍କୁ ପୁରସ୍କୃତ କରାଯାଇଥିଲା। ଜାତୀୟ ପାରା ଅଲମ୍ପିକରେ ଭାଗ ନେଇଥିବା ଭିନ୍ନକ୍ଷମ ପ୍ରମୋଦ କୁମାର ସାହୁଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଦୁଇ ଭିନ୍ନକ୍ଷମ ମହିଳାଙ୍କୁ ହାତ ଚାଳିତ ସିଲେଇ ମେଶିନ ଓ ୨ ଜଣଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଦୃଷ୍ଟିହୀନ କଳା ଅନୁଷ୍ଠାନର ବ୍ୟକ୍ତିମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଭିନ୍ନକ୍ଷମମାନଙ୍କୁ ସ୍ୱାବଲମ୍ବୀ କରାଇବା ଉଦ୍ଦେଶ୍ୟରେ ନୂଆଗାଁ ବ୍ଲକ ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ବାସୁଦେବ ନାୟକ, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଜିପିଓ ସାଧୁଚରଣ ସାହୁ, କମ୍ପ୍ୟୁଟର ପ୍ରୋଗ୍ରାମର ପାଣିଗ୍ରାହୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ୱର୍ଣ୍ଣ ସାରିକା ଜେନା ଅତିଥି ଭାବେ ଯୋଗ ଦେଇଥିବା ବେଳେ କନିଷ୍ଠ ସହାୟକ ରଘୁନାଥ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଧାରଣା ୨୫ ଦିନରେ: ୬ ଦଫା ଦାବି ପୂରଣ ହେଉନି

ନୟାଗଡ଼, ୧।୩(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଓଡଗାଁ ବ୍ଲକରେ ରହିଥିବା ଶରଣକୁଳ ଅଞ୍ଚଳର ବିକାଶ, ଶରଣକୁଳ ଅଞ୍ଚଳରେ ହୋଇଥିବା ଦୁର୍ନୀତିର ତଦନ୍ତ ଉଦ୍ଦେଶ୍ୟରେ ପେବୃଆରୀ ୬ରୁ ଧାରଣା ଚାଲୁ ରହିଛି। ଧାରଣା ୨୫ ଦିନରେ ପହଞ୍ଚି ଥିବାବେଳେ ଆନ୍ଦୋଳନକାରୀଙ୍କ ଦାବି ପୂରଣ ହୋଇନି। ଦାବି ପୂରଣ ନ ହେଲେ ଆନ୍ଦୋଳନ ପ୍ରତ୍ୟାହୃତ ହେବ ନାହିଁ ବୋଲି ଆନ୍ଦୋଳନକାରୀଙ୍କ ପକ୍ଷରୁ କୁହାଯାଇଛି। ଇତି ମଧ୍ୟରେ ଧାରଣା ସ୍ଥଳ ବଦଳି ଯାଇଛି। ଶରଣକୁଳ ଥାନା ସମ୍ମୁଖରୁ ଆନ୍ଦୋଳନ ଏବେ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟକୁ ସ୍ଥାନାନ୍ତର ହୋଇଛି। ଅଭିଯୋଗ ଅନୁସାରେ, ଚିନାମାଳି ଗହୀରରେ ଜଳସେଚନର ସୁବିଧା କରାଯାଉ। ଧାନ କୁଇଣ୍ଟାଲ ପିଛା ଚାଷୀ ମଣ୍ଡିରେ ୩୨୦୦ ଟଙ୍କା ବିକ୍ରି କରିବାର ସୁବିଧା ସହ କୁଇଣ୍ଟାଲ ପିଛା ବୋନସ ୧୨୦୦ ଟଙ୍କା ରଖିବାର ବ୍ୟବସ୍ଥା ଦାବିରହିଛି। ସେହିଭଳି ଶରଣକୁଳକୁ ଏନ୍‌ଏସିର ମାନ୍ୟତା, ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ସଂଖ୍ୟା ବୃଦ୍ଧି ପରି ଅନୁରୂପ ଦାବି ରହିଛି। ଚିଟଫଣ୍ଡ ଟଙ୍କା ଜମାକାରୀଙ୍କୁ ଫେରସ୍ତ, ବସୁଧା ଯୋଜନାକୁ ସଫଳ କରାଇବା, ୫ଟି ଯୋଜନାରେ ସ୍କୁଲରେ ହୋଇଥିବା କାର୍ଯ୍ୟର ତଦନ୍ତ, ଶରଣକୁଳ ଅଞ୍ଚଳରେ ଶୀତଳଭଣ୍ଡାର ସ୍ଥାପନ କରିବା ମଧ୍ୟ ଦାବି ରହିଛି।

# ସାହିତ୍ୟ ଉତ୍ସବର ପ୍ରସ୍ତୁତି ବୈଠକ: କଣ୍ଠଶିଳ୍ପୀ ପଙ୍କଜ ଉଧାସଙ୍କୁ ଶ୍ରଦ୍ଧାଞ୍ଜଳି

ନୟାଗଡ଼, ୧।୩(ଲୋକନାଥ ମିଶ୍ର)

ଆସନ୍ତା ୩ ତାରିଖରେ ନୟାଗଡ ବଲାଙ୍ଗୀ ପାର୍କ ପରିସରରେ ୩ୟ ନୟାଗଡ଼ ସାହିତ୍ୟ ଉତ୍ସବ ପାଳନ ଅବସରରେ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଲେଖକ ପରିଷଦ ସମ୍ପାଦକ ଶେଖ ଅବଦୁଲ ଖାଲିକଙ୍କ ଆବାହକତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପ୍ରଧାନୀ ବୃନ୍ଦାବନ ମହାପାତ୍ରଙ୍କ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସୁନାମଧନ୍ୟ ଗଜଲ ଗାୟକ ସ୍ୱର୍ଗତ ପଙ୍କଜ ଉଧାସଙ୍କ ସୃଷ୍ଟି ଉପରେ ଆଲୋଚନା କରାଯାଇଥିଲା। କଣ୍ଠଶିଳ୍ପୀ ଡ. ଆଶୁତୋଷ ମିଶ୍ର ସ୍ୱର୍ଗତ ପ୍ରତିଭାଙ୍କ କାଳଜୟୀ ଗଜଲ୍ ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶେଖ ଅବଦୁଲ ଖାଲିକ ଓ ଗୋପୀନାଥ ସେଠୀ ସ୍ୱର୍ଗତ ପଙ୍କଜ ଉଦାସଙ୍କ ଗଜଲ୍ ଗାନ ମଧ୍ୟ କରିଥିଲେ। ସ୍ୱର୍ଗତ ଆତ୍ମାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଲେଖା ଯାଇଥିବା କବିତାକୁ ଉପସ୍ଥିତ କବି କବୟିତ୍ରୀମାନେ ପାଠ କରିଥିଲେ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ ଉପସ୍ଥିତ ଥିଲେ। କବି ନିର୍ମଳ ଚନ୍ଦ୍ର ଶୂରଦେଓ ଧନ୍ୟବାଦ ଦେଇଥିଲେ।



ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ଲୋକମାନେ।

# ନୀଳମାଧବ ଜୀଉଙ୍କ ମାଘମେଳା ମହକ ହରାଇ ବସୁଛି

**ଅବ୍ୟବସ୍ଥା: ମେଳାକୁ ଆସିଥିବା ବ୍ୟବସାୟୀଙ୍କ ଅସନ୍ତୋଷ**

ଖଣ୍ଡପଡ଼ା, ୧।୩(ଅଜୟ କୁମାର ମହାରଣା)



ଦୋକାନରେ ଗ୍ରାହକ ନାହାନ୍ତି, ବ୍ୟବସାୟୀ ବସିଛନ୍ତି।



ମେଳା ପଡ଼ିଆ ଖାଲି ପଡ଼ିଛି।

ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବରେ ପରିଚିତ ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ପବିତ୍ର ମାଘମେଳା ପ୍ରଶାସନିକ ନିଷ୍କ୍ରିୟତାକ୍ରମେ ଇତି ମଧ୍ୟରେ ସମ୍ପନ୍ନ ହୋଇଯାଇଛି। ତେବେ ଏହି ମେଳା ଶୁକ୍ରବାରଠାରୁ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଅଣଆନୁଷ୍ଠାନିକ ଭାବେ ଅପେରା ପାର୍ଟି ପକ୍ଷରୁ ଯାତ୍ରା ମେଳାର ଶ୍ରୀବୃଦ୍ଧି ହେବ ବୋଲି ସାଧାରଣରେ ଏବଂ ମେଳାକୁ ଆସିଥିବା ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ପକ୍ଷରୁ ଆଶା ପ୍ରକଟ ପାଇଛି। କିନ୍ତୁ ୧୦ ଦିନ ଧରି ଦୋକାନ ଦେଇଥିବା ବ୍ୟବସାୟୀମାନଙ୍କ ବ୍ୟବସାୟ ହୋଇଥିଲା। ଫଳରେ ମାଘମେଳା ତାର ମହକ ହରାଇ ବସୁଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଶ୍ରୀନୀଳମାଧବ ଜୀଉଙ୍କ ପବିତ୍ର ତଥା ପାରମ୍ପରିକ ଭୈମୀ ଏକାଦଶୀ(ମାଘମେଳା) ଫେବୃୟାରୀ ୨୦ ଠାରୁ ଆରମ୍ଭ ହୋଇ ଶୁକ୍ରବାର ୧୦ ଦିନରେ ପହଞ୍ଚିଛି। ମେଳା ପଡିଆ ସମ୍ପୂର୍ଣ୍ଣ ଖାଁ ଖାଁ ପରିଲକ୍ଷିତ ହୋଇଥିବା ବେଳେ ଶୁକ୍ରବାର ତୁଳସୀ ଗଣନାଟ୍ୟ ତାହାର ଯାତ୍ରା ପରିବେଷଣ କରୁଛି। ଏଥିପାଇଁ ମେଳାକୁ ଆସିଥିବା ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ମାଲିକମାନଙ୍କ ମଧ୍ୟରେ ଆନନ୍ଦ ତଥା ବ୍ୟବସାୟ ଭଲ ହେବ ବୋଲି ଆଶା ପ୍ରକାଶ ପାଇଛି। ମାଘ ଏକାଦଶୀଠାରୁ ଦୀର୍ଘ ୯ଦିନ ଅତିବାହିତ ହୋଇଯାଇଥିବା ବେଳେ ଅନେକ ଦୋକାନୀ ଗରାଖଙ୍କ ବିନା ଚଳିତ ବର୍ଷ ମେଳାକୁ ଆସି ଆମେ ସମସ୍ୟାରେ ଗତି କରୁଛୁ ବୋଲି ପ୍ରତିକ୍ରିୟା ରଖିଥିଲେ । ପ୍ରଥମରୁ ବିଦ୍ୟୁତ ଆଲୋକ ଓ ପାନୀୟ ଜଳ ଯୋଗାଣର ଅବ୍ୟବସ୍ଥା ମେଳା ପାଇଁ ସମସ୍ୟା ସୃଷ୍ଟି କରିଥିଲା। ଅପରପକ୍ଷରେ ପୂର୍ବରୁ କଣ୍ଟିଲୋ ଫାଣ୍ଡି ନିକଟ ମାଘମେଳା ପଡିଆରେ ମେଳା ଅନୁଷ୍ଠିତ ହେଉଥିବା ବେଳେ ଚତୁଃପାର୍ଶ୍ୱରେ ଥିବା ବଡ ବଡ ବୃକ୍ଷର ଛାଇରେ ମେଳାକୁ ଆସୁଥିବା ଯାତ୍ରୀ ଓ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଛାୟାରେ ଆଶ୍ୱସ୍ତି ଅନୁଭବ କରୁଥିଲେ। ମାତ୍ର ଚଳିତବର୍ଷ ନିକଟସ୍ଥ ପଲଟନ ପଡିଆ ମିନି ଷ୍ଟାଡିୟମର ବିସ୍ତୀର୍ଣ୍ଣ ଖୋଲାପଡିଆରେ ମେଳା ଅନୁଷ୍ଠିତ ହେଉଥିବାରୁ ଖରା ସମୟରେ ଏଠାରେ ଯାତ୍ରୀମାନେ ବୁଲାବୁଲି କରିବାରେ ସମସ୍ୟା ସୃଷ୍ଟି କରୁଛି। ଖରାବେଳେ କୌଣସି ଲୋକ ମେଳାକୁଆସୁନଥିବା ବେଳେ ଆମମାନଙ୍କର ବ୍ୟବସାୟରେ ଘାଟା ହୋଇଛି ବୋଲି ଦୀର୍ଘବର୍ଷ ଧରି ଆସୁଥିବା ସାକ୍ଷୀଗୋପାଳ ଅଞ୍ଚଳର ବ୍ୟବସାୟୀ ତୋଫାନ ସାହୁ, ବେଗୁନିଆ ଅଞ୍ଚଳରୁ ହରେକମାଲ, ଚୁଡି, ଖେଳନା ଆଦି ବିଭିନ୍ନ ଦୋକାନ ନେଇ ଆସିଥିବା ବ୍ୟବସାୟୀ ମୁରଲୀ ବେହେରା, ଶିବ ସେଠୀ, ସନା ବେହେରା, ଜିତୁ ବିଶ୍ୱାଳ ପ୍ରମୁଖ ମେଳା କ୍ଷୋଭର ସହ ପ୍ରକାଶ କରିଥିଲେ। ଉକ୍ତ ବିସ୍ତୀର୍ଣ୍ଣ ପଡିଆରେ ବିଭିନ୍ନ ଷ୍ଟଲ, ଦୋଳି, ପିଲାମାନଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ବ୍ୟବସ୍ଥାର ସୁବିଧା ରହିଥିଲେ ମଧ୍ୟ ଚଳିତବର୍ଷ ଏଠାରେ ପ୍ରଥମ କରି ଅନୁଷ୍ଠିତ ହେଉଥିବା ମେଳା ପାଇଁ ସମସ୍ୟା ସୃଷ୍ଟି କରିଛି। ତେବେ ଆଗାମୀ ବର୍ଷରେ ମେଳାର ଶ୍ରୀବୃଦ୍ଧି ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଖଣ୍ଡପଡ଼ା ଦେବୋତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ଧୋବେଇ ନାଏକ ସୂଚନା ଦେଇଛନ୍ତି। ଅପରପକ୍ଷରେ ୫ ଦିନ ଧରି ଅନୁଷ୍ଠିତ ହୋଇଥିବା ମାଘ ମେଳ ମହୋତ୍ସବ ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ସମ୍ପ୍ରତି ଆରମ୍ଭ ହେଉଥିବା ଅପେରା ସମୟରେ ମେଳାକୁ ଶୃଙ୍ଖଳିତ ଭାବେ ଶେଷ କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ଯତ୍ନବାନ ଅଛୁ ବୋଲି ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା କହିଛନ୍ତି। ସୂଚନାଯୋଗ୍ୟ, ମେଳାର ଏପରି ଦୟନୀୟ ଅବସ୍ଥା ପାଇଁ ମୁଖ୍ୟତଃ ଅପେରା କମିଟି ସହ ଜିଲା ପ୍ରଶାସନ ଦାୟୀ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଅପେରା କମିଟିମାନେ ଯଦି ମାଘମେଳା ଆରମ୍ଭରୁ ଯାତ୍ରା ପରିବେଷଣ କରନ୍ତି ଏବଂ ଯାତ୍ରା ଦଳ ଖେଳାଇବା ପାଇଁ ଜିଲା ପ୍ରଶାସନ ଯଦି ଅପେରା କମିଟିର ସ୍ୱାର୍ଥ ପ୍ରତି ଦୃଷ୍ଟି ନ ଦେଇ ପରମ୍ପରାକୁ ଗୁରୁତ୍ୱ ଦେଇ ମେଳା ସମୟ ବ୍ୟତିରେକ ଅନ୍ୟ ଦିନମାନଙ୍କ ପାଇଁ ପ୍ରଶାସନିକ ଅନୁମତି ପ୍ରଦାନ ନକରନ୍ତି, ତେବେ ଐତିହ୍ୟ ସମ୍ପନ୍ନ ନୀଳମାଧବ ଜୀଉଙ୍କ ମାଘମେଳା ତା'ର ପୂର୍ବ ସ୍ଥିତିକୁ ଫେରି ଆସି ପାରନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି।

